

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୦ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 OCTOBER 2023
Vol.No. 34 ■ No. 267■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଜିଲା ବିଗୁଲ୍: ନଭେମ୍ବର ୭ରୁ ୫ ରାଜ୍ୟ ବିଧାନସଭା ନିର୍ବାଚନ




### ନିର୍ବାଚନ ହେବାକୁ ଥିବା ୫ ରାଜ୍ୟ ହେଉଛି ମିଜୋରାମ, ଛତିଶଗଡ଼, ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ ତେଲେଙ୍ଗାନା

ନୂଆଦିଲ୍ଲୀ,୦୯/୧୦ : ବାଜିଲା ନିର୍ବାଚନୀ ବିଗୁଲ୍। ୫ ରାଜ୍ୟ- ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଘୋଷଣା ହେଲା ତାରିଖ। ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। ମିଜୋରାମରେ ନଭେମ୍ବର ୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ମଧ୍ୟ ପ୍ରଦେଶରେ ନଭେମ୍ବର ୧୭ ତାରିଖରେ ଭୋଟ୍ ହେବାକୁ ଥିବା ବେଳେ ରାଜସ୍ଥାନରେ ନଭେମ୍ବର ୨୩ ଓ ତେଲେଙ୍ଗାନାରେ ନଭେମ୍ବର ୩୦ ତାରିଖରେ ମତଦାନ ହେବ। କେବଳ ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ଏଠାରେ ନଭେମ୍ବର ୭ରେ ପ୍ରଥମ ପର୍ଯ୍ୟାୟ ଓ ନଭେମ୍ବର ୧୭ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଡିସେମ୍ବର ୩ ତାରିଖରେ ଭୋଟ୍ ଗଣତି ହେବ। ଡିସେମ୍ବର ୫ ତାରିଖ ସୁଦ୍ଧା ନିର୍ବାଚନର ସବୁ ପ୍ରକ୍ରିୟା ଶେଷ ହେବ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି)। ମିଜୋରାମ ଓ ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୨୦ ରହିଛି। ସେହିପରି ମଧ୍ୟପ୍ରଦେଶ ଓ ଛତିଶଗଡ଼ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୩୦ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ରାଜସ୍ଥାନରେ ନଭେମ୍ବର ୬ ଓ ତେଲେଙ୍ଗାନାରେ ନଭେମ୍ବର ୧୩ ସରିବ ନାମାଙ୍କନପତ୍ର ଦାଖଲ। ମିଜୋରାମ ଓ ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୩ ରହିଥିବା ବେଳେ ମଧ୍ୟପ୍ରଦେଶ ଓ ଛତିଶଗଡ଼ର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ନଭେମ୍ବର ୨ ରଖାଯାଇଛି। ସେହିଭଳି ରାଜସ୍ଥାନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ନଭେମ୍ବର ୯ ରହିଥିବା ବେଳେ ତେଲେଙ୍ଗାନା ପାଇଁ ନଭେମ୍ବର୧୫ ରହିଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ମତଦାନ ତାରିଖ ଘୋଷଣା କରିବାବେଳେ କହିଛନ୍ତି, ସମସ୍ତ ପାଞ୍ଚଟି ରାଜ୍ୟରେ ୬୭୯ଟି ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଛତିଶଗଡ ଏବଂ ମିଜୋରାମରେ ▶▶ପୃଷ୍ଠା ୭

## ଅମାନିଆଙ୍କୁ ଧରିବାକୁ କମିଶନରେଟ୍ ପୋଲିସ୍‌ର ସ୍ପେଶାଲ ଡ୍ରାଇଭ୍

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ପାର୍ବଣ ବେଳେ ଅମାନିଆଙ୍କୁ ଧରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି କମିଶନରେଟ୍ ପୁଲିସ। ରାଜଧାନୀର ବିଭିନ୍ନ ବ୍ୟସ୍ତବହୁଳ ଚକରେ ଟ୍ରାଫିକ ଏନଫୋର୍ସମେଂଟ ଟିମ୍ ନିୟମଭଙ୍ଗକାରୀଙ୍କୁ ଧରୁଛନ୍ତି। ଗତ ଦୁଇ ଦିନ ମଧ୍ୟରେ ରଙ୍ଗ ସାଇଡ ଡ୍ରାଇଭିଂ ପାଇଁ ୨୦୧ ଜଣ, ମଡିଫାଏଡ ସାଇଲେନ୍ସର ପାଇଁ ୧୩ ଜଣ, ବେଆଇନ ପାର୍କିଂ ପାଇଁ ୮୪ ଜଣ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହାବାଦ ମଦ ପିଇ ଗାଡ଼ି ଚଳାଥିବା ଅଭିଯୋଗରେ ୬ ଜଣଙ୍କୁ ସ୍ଥାନୀୟ ଥାନାକୁ ପଠାଇ ଦିଆଯାଇଛି। ରଙ୍ଗ ସାଇଡ ଡ୍ରାଇଭିଂ, ବେଆଇନ ପାର୍କିଂ, ମଡି ଫାଏଡ ସାଇଲେନ୍ସର ଏବଂ ମଦ୍ୟପ ଡ୍ରାଇଭରଙ୍କ ଉପରେ ପୁଲିସ କଡ଼ା ନଜର ରଖିଛି। ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରା କହିଛନ୍ତି ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।

## ଅକ୍ଟୋବର ୩୧ ଯାଏଁ ସ୍ଥଗିତ ରହିଲା ବସ୍ ଧର୍ମଘଟ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଆସନ୍ତା ୧୦ ତାରିଖରେ ଦିଆଯାଇଥିବା ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ସ୍ଥଗିତ ରହିଛି। ବସ୍ ଧର୍ମଘଟ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ଅକ୍ଟୋବର ୩୧ ଯାଏଁ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ। ବିଭିନ୍ନ ଦାବି ପୂରଣ ନେଇ ବସ୍ ଧର୍ମଘଟ ଡାକରା ଦେଇଥିଲା ବସ୍ ମାଲିକ ସଂଘ। ଆଜି ସିଏମ୍‌ଓ ଓ ବସ୍ ମାଲିକ ସଂଘ ବୈଠକ ବସିଥିଲା। ବୈଠକ ସଫଳ ହୋଇନଥିଲେ ମଧ୍ୟ ଆଲୋଚନା ସକାରାତ୍ମକ ହୋଇଥିବା ବସ୍ ସଂଘ ପକ୍ଷରୁ କୁହାଯାଇଥିଲା। ଅପରାହ୍ନରେ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ବସ୍ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ବସ୍ ମାଲିକ ସଂଘ।

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ୧୬୦୦ ବସ୍ ଚଳାଇବେ। ୧୬୦୦ରୁ ୧୦୦୦ ପଞ୍ଚାୟତରୁ ବ୍ଲକ ଓ ୬୦୦ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ଚାଲିବ ବସ୍। ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟ ଚାଲିବାକୁ ଥିବା ବସ୍‌ରେ ଆମର ସମସ୍ୟା ନାହିଁ। ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ଯିବାକୁ ଥିବା ବସ୍ ୩୧ ପର୍ଯ୍ୟନ୍ତ ଚାଲିବାର ନାହିଁ। ଏବେ ଜିଲ୍ଲା ମୁଖ୍ୟାଳୟ ବସ୍ ଚାଲିବାକୁ ନଥିବାରୁ ୩୧ ଯାଏଁ ଧର୍ମଘଟ ସ୍ଥଗିତ ରହିଲା ବୋଲି ଶ୍ରୀ ସାହୁ କହିଛନ୍ତି।

## ଅଚିହ୍ନା ଶବ ଦାହ ସମୟରେ ଉପସ୍ଥିତ ରହିବେ ସିବିଆଇ ଅଧିକାରୀ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରୁ ଉଦ୍ଧାର ହୋଇଥିବା ଅଚିହ୍ନା ଶବ ଦାହ ସମୟରେ ଉପସ୍ଥିତ ରହିବେ ସିବିଆଇ ଅଧିକାରୀ। ଏମ୍ସରୁ ଶବକୁ ବିଏମ ସିକୁ ହସ୍ତାନ୍ତର ସମୟରେ ମଧ୍ୟ ସିବିଆଇ ଅଧିକାରୀ ଉପସ୍ଥିତ ରହିବେ।ଏଥିପାଇଁ ଏମସ୍ ସିବିଆଇ କୁ ଚିଠି ଲେଖିଛି ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଦିଲ୍ଲୀ ରୁ ସିବିଆଇ ଅଧିକାରୀ ଆସିବା ପରେ ଶବ ହସ୍ତାନ୍ତର ଓ ଦାହ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁଦିନ ଏମ୍ସ ଶବ ହସ୍ତାନ୍ତର କରିବ ସେହିଦିନ ହିଁ ଶବ ଦାହ କରାଯିବ । ଶବ ଗୁଡିକ କାଠ ଜରିଆରେ ପୋଡ଼ାଯିବ। ଏନଏଚଆରସି ଗାଇଡଲାଇନ ଅନୁସାରେ ସତ୍କାର ହେବ। ଭୁବନେଶ୍ୱରର ସତ୍ୟନାଗର, ଭରତପୁର ସହ ଅନ୍ୟ ଶ୍ମଶାନ ବି ଅଛି ଯେଉଁଠି ସତ୍କାର କରାଯିବ ବୋଲି ବିଏମସି କମିଶନର କହିଛନ୍ତି। ସୂଚନାଯୋଗ୍ୟ ଯେ ବହୁ ଚର୍ଚ୍ଚିତ ବାହାନଗା ରେଳ ଦୁର୍ଘଟଣାରେ ଚିହ୍ନଟ ହୋଇନଥିବା ୨୮ ମୃତଦେହ ଏବେ ବି ଏମସ୍ ପରିସରରେ ରହିଛି।

## ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଜଳଯୋଗାଣର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିସନର ୩ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶାର ୫ଟି ସହର ସମେତ ଅନ୍ୟ ୧୩ଟି ସହରର ୧୪୯ଟି ୱାର୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣ ସୁବିଧାର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମରେ ଜନସାଧାରଣ ଟ୍ୟାପରୁ ସିଧାସଳଖ ବିଶୁଦ୍ଧ ପିଇବା ପାଣି ପାଇପାରୁଛନ୍ତି। ଏଥିରେ ଟ୍ୟାପ ପାଣିକୁ ଫିଲ୍‌ଟର କରିବାର ଆବଶ୍ୟକ ନାହିଁ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜଳ ଅମୂଲ୍ୟ। ପ୍ରତିଟି ଜଳବିନ୍ଦୁରେ ରହିଛି ଜୀବନ। ତେଣୁ ସମସ୍ତଙ୍କୁ ଭଲ ପିଇବା ପାଣି ଯୋଗାଇବା ଆମ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାର ଲକ୍ଷ୍ୟ। ଓଡିଶା ଆଜି ରୂପାନ୍ତର ପଥରେ ସଫଳତା ସହ ଆଗେଇ ଚାଲିଛି। ୫ଟି ଉପକ୍ରମ ପ୍ରୟୋଗରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ଆଜି ସାରା ଦେଶ ପାଇଁ ଓଡିଶା ଏକ ମଡେଲ ହୋଇଛି। ଆମ ଜଳସାଥୀ ମା' ମାନଙ୍କ ସଫଳତା ମଧ୍ୟ ଆଜି ଅନ୍ୟମାନଙ୍କ ପାଇଁ ମଡେଲ ହୋଇଛି। ପ୍ରେରଣାଦାୟୀ ସଫଳ କାହାଣୀ ହୋଇଛି। ସହରାଞ୍ଚଳ ଜଳଯୋଗାଣ କ୍ଷେତ୍ରରେ ଆମ ମିଶନ ଶକ୍ତି ମା' ମାନେ, ଜଳସାଥୀମାନେ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ପ୍ରବେଶ ବେଳେ ଭକ୍ତ ପିନ୍ଧିବେ ଶାଳୀନତା ପୋଷାକ: ନୂଆବର୍ଷରୁ ଲାଗୁ



ପୁରୀ, ୦୯/୧୦ (ନି.ପ୍ର): ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତଙ୍କ ପୋଷାକରେ ଆସିବ ଶାଳୀନତା। ନଚେତ ଭକ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା। ଶାଳୀନତା ଭାବେ ପୋଷାକ ପିନ୍ଧି ଶ୍ରୀମନ୍ଦିର ଭିତରକୁ ଯିବେ ଭକ୍ତ। ଏଭଳି ଚେତାବନୀ ଦେଲା ଶ୍ରୀମନ୍ଦିର ପ୍ରଶାସନ। ନୂଆବର୍ଷରୁ ଏହି ନିୟମ କଡାକଡି ଭାବେ ଲାଗୁ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏନେଇ ସୂଚନା ଦେଇଛି। ନୂଆବର୍ଷଠାରୁ ନୂଆ ନିୟମ କଡ଼ାକଡ଼ି ହେବା ପୂର୍ବରୁ ଆସନ୍ତାକାଲିଠାରୁ ଭକ୍ତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଚେତନତା କରାଯିବ। ଶାଳୀନତାପୂର୍ଣ୍ଣ ଡ୍ରେସ୍ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିବା ପାଇଁ ଭକ୍ତମାନଙ୍କୁ ପରାମର୍ଶ ଦିଆଯିବ। ଜାନୁଆରୀ ୧ ତାରିଖରୁ ସିଂହଦ୍ୱାରରେ ମୁତୟନ ଜେଟିପି ଓ ଶ୍ରୀମନ୍ଦିର ଭିତରେ ରହୁଥିବା ପ୍ରତିହାରୀ ସେବକ ଭକ୍ତଙ୍କ ପୋଷାକକୁ ତଦାରଖ କରିବେ। ଶ୍ରୀମନ୍ଦିର ପ୍ରଶାସକ ପକ୍ଷରୁ କୁହାଯାଇଛି, ଶ୍ରୀମନ୍ଦିର ପ୍ରବେଶ ବେଳେ ଭକ୍ତମାନେ ଶାଳୀନତାପୂର୍ଣ୍ଣ ଡ୍ରେସ୍ ପିନ୍ଧିବେ। ଫୁଲ୍ ଡ୍ରେସ୍ ପିନ୍ଧିବେ। କୌଣସି ଚରାଫଟା ଓ ହାଫ୍ ପ୍ୟାଣ୍ଟ ପିନ୍ଧି ଯାଇପାରିବେ ନାହିଁ। ୧୨ ବର୍ଷରୁ କମ୍ ପିଲା ହାଫ୍ ପ୍ୟାଣ୍ଟ ପିନ୍ଧି ପାରିବେ। ଯେଉଁମାନେ ଶାଳୀନତା ପୂର୍ଣ୍ଣ ଡ୍ରେସ୍ ପିନ୍ଧିନଥିବେ, ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।

## ରାଜ୍ୟ ସଭାପତିଙ୍କ ରାଲିରେ ଦୁଇ ବିଜେପି ନେତା ପିଟାପିଟି



ବଲାଙ୍ଗିର, ୦୯/୧୦ (ନି.ପ୍ର): ବଲାଙ୍ଗିରରେ ପଦାରେ ପଡ଼ିଛି ବିଜେପିର ଗୋଷ୍ଠୀ କନ୍ଦଳ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ରାଲି ବେଳେ ଦଳୀୟ ନେତା ପିଟାପିଟି ହୋଇଛନ୍ତି। ଉଭୟ ଗୋଷ୍ଠୀର ସମର୍ଥକ ବି ମୁହାଁମୁହିଁ ହୋଇଛନ୍ତି। ଆଜି ବିଜାଖମନରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ ଏକ ଶୋଭଯାତ୍ରାରେ ଆସି ଅପରାହ୍ନ ପ୍ରାୟ ୫ଟା ବେଳେ ବଲାଙ୍ଗିରରେ ପହଞ୍ଚିଥିଲେ। ଏହି ସମୟରେ ମନମୋହନ ସାମଲଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବାକୁ ଚେଷ୍ଟା କରିଥିଲେ ୨୦୧୯ରେ ବଲାଙ୍ଗିର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ହୋଇଥିବା ▶▶ପୃଷ୍ଠା ୭

## ଜଙ୍ଗଲରୁ ଏକ ମାସର ଶିଶୁକନ୍ୟା ଉଦ୍ଧାର

ମୟୂରଭଞ୍ଜ , ୦୯/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଗାଉଗାଡ଼ିଆ ନିକଟ ଜଙ୍ଗଲରୁ ଆଜି ଅପରାହ୍ନରେ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଶିଶୁକନ୍ୟାଟି ପ୍ରାୟ ମାସକର ହେବ। ସ୍ଥାନୀୟ କିଛି ମହିଳା ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିବା ବେଳେ ଶିଶୁକନ୍ୟାଟିର କାନ୍ଦ ଶୁଣିଥିଲେ। ସେମାନେ କାନ୍ଦ ଆସୁଥିବା ସ୍ଥାନ ଆଡ଼କୁ ଯାଇଥିଲେ। ସେମାନେ ଶିଶୁଟି ପାଖରେ ପହଞ୍ଚିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶିଶୁଟି ପାଖରେ କେହି ନଥିଲେ। ଶିଶୁଟିକୁ କେହି ଏକ ଲୁଗାରେ ଶୁଆଇ ଚାଲିଯାଇଥିଲେ। ଉକ୍ତ ମହିଳାମାନେ ସଙ୍ଗେ ସଙ୍ଗେ ଏନେଇ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କୁ ଖବର ଦେଇଥିଲେ। ସରପଞ୍ଚ ସ୍ଥାନୀୟ ଆଶାଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶିଶୁକନ୍ୟାଟିକୁ ଉଦ୍ଧାର କରି ସରପଞ୍ଚ ଓ ଆଶା କର୍ମୀ ଠାକୁରମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର କହିଛନ୍ତି, ବହୁ ସମୟ ଧରି ଶିଶୁଟି କିଛି ଖାଇ ନଥିବାରୁ ଅସୁସ୍ଥ ହୋଇପଡ଼ିଥିଲା। ତା'ର ଚିକିତ୍ସା କରାଯାଇଛି। ଏବେ ଶିଶୁଟି ସୁସ୍ଥ ଅଛି। ଶିଶୁକନ୍ୟାଟି ପ୍ରାୟ ୨୦/୨୫ଦିନର ହେବ ବୋଲି ଡାକ୍ତର ଅନୁମାନ କରିଛନ୍ତି।

## କଂଗ୍ରେସ ଶାସିତ ସମସ୍ତ ରାଜ୍ୟରେ ହେବ ଜାତିଗତ ଜନଗଣନା: ରାହୁଲ ଗାନ୍ଧୀ




ନୂଆଦିଲ୍ଲୀ,୦୯/୧୦ : କଂଗ୍ରେସ ଶାସିତ ସମସ୍ତ ରାଜ୍ୟରେ ହେବ ଜାତିଗତ ଜନଗଣନା । ଏନେଇ କଂଗ୍ରେସ ସିଡବ୍ଲ୍ୟୁସି ବୈଠକ ପରେ ସୂଚନା ଦେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ, ଜାତିଗତ ଜନଗଣନାକୁ ନେଇ ଐତିହାସିକ ନିଷ୍ପତ୍ତି ସର୍ବସମ୍ମତି ଭାବେ ନିଆଯାଇଛି । କଂଗ୍ରେସ ଶାସିତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି । ହିମାଚଳ ପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଏବଂ ଛତିଶଗଡରେ ଜାତିଗତ ଜନଗଣନା କରାଯିବ । ଏ ସମ୍ପର୍କିତ ପ୍ରସ୍ତାବକୁ କଂଗ୍ରେସ ସିଡବ୍ଲ୍ୟୁସି ବୈଠକରେ ପାରିତ କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କଂଗ୍ରେସ ପାର୍ଟି ଏନେଇ ନିଷ୍ପତ୍ତି ନେଇଥିଲା। ଇଣ୍ଡିଆ ମେଣ୍ଟର ଅଧିକାଂଶ ପାର୍ଟି ମଧ୍ୟ ଜାତିଗତ ଜନଗଣନାକୁ ▶▶ପୃଷ୍ଠା ୭

## ଗାଜା ସୀମା ସିଲ କଲା ଇସ୍ରାଏଲ: ପ୍ରତିଶୋଧର ମହାଯୁଦ୍ଧ ଜୋରଦାର



ନୂଆଦିଲ୍ଲୀ,୦୯/୧୦ : ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ । ପାଲେଷ୍ଟାଇନ ଭିତରେ ପଶି ପ୍ରତିଶୋଧ ନେଉଛି ଇସ୍ରାଏଲ । ଆଉ ଏହାର ଭୟାନକ ଚିତ୍ର ସବୁ ସାମ୍ନାକୁ ଆସୁଛି । ଗାଜା ଅଂଚଳକୁ ସିଲ କରି ଇସ୍ରାଏଲ ସେନା ତୁହାକୁ ତୁହା ଆକ୍ରମଣ ଜାରି ରଖିଛି । ବିଜୁଳି ଯୋଗାଣକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଛି । କେବଳ ଗାଜା ଷ୍ଟ୍ରିପକୁ ନିଜ କବ୍ଜାକୁ ନେବାକୁ ପ୍ରାୟ ୧ ଲକ୍ଷ ସୈନିକଙ୍କୁ ମୁତୟନ କରିଛି ଇସ୍ରାଏଲ । ଇସ୍ରାଏଲର ଜଣେ ସୈନିକ ଏକ ରକେଟ୍ ଲଂଚରକୁ ନିଜ କାନ୍ଧରେ ରଖି, କିଭଳି ହମାସ୍ ବିଦ୍ରୋହୀ ସେନାର ଯୁଦ୍ଧ ବିମାନକୁ ମାରି ଖସାଇ ଦେଉଛନ୍ତି ତାର ଚିତ୍ର ଆପଣଙ୍କ ଟିଭି ସ୍କ୍ରିନରେ ରହିଛି । ଗାଜା ଅଂଚଳକୁ ସଂପୂର୍ଣ୍ଣ ସିଲ କରିଦେଇ ଆକ୍ରମଣକୁ ଜୋରଦାର କରିଛି ଇସ୍ରାଏଲ ସେନା । ପ୍ରଥମେ ବିଜୁଳି ଯୋଗାଣକୁ ସଂପୂର୍ଣ୍ଣ ବନ୍ଦ କରିଦେଇଥିଲା । ଏବେ ଖାଦ୍ୟ ଓ ଇନ୍ଧନ ଯୋଗାଣକୁ ମଧ୍ୟ ବ୍ୟାନ୍ କରିଦିଆଯାଇଛି । ଗାଜା ସୀମାରେ ପ୍ରବେଶକୁ ନିଷିଦ୍ଧ କରିଦେଇଛି ଇସ୍ରାଏଲ ସେନା । ଏଥିସହ ଗାଜା ଷ୍ଟ୍ରିପକୁ ସୂପୂର୍ଣ୍ଣ କବ୍ଜାକୁ ନେବାପାଇଁ ପ୍ରାୟ ୧ ଲକ୍ଷ ସୈନିକଙ୍କୁ ମୁତୟନ କରିଛି । ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି – 'ଗାଜାଷ୍ଟ୍ରିପର ସଂପୂର୍ଣ୍ଣ ଘେରାବନ୍ଦୀ ପାଇଁ ମୁଁ ନିର୍ଦ୍ଦେଶ ଦେଇଛି । ବିଜୁଳି, ଖାଦ୍ୟ ଓ ଇନ୍ଧନ ଯୋଗାଣକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଆମେ ଯେହେତୁ ମଣିଷ ରୂପରେ ପଶୁମାନଙ୍କ ସହ ଲଢ଼େଇ କରୁଛୁ, ତେଣୁ ସେହି ହିସାବରେ ନିଷ୍ପତ୍ତି ନେଇଛୁ ।' ହମାସ ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣ ପରେ ଯୁଦ୍ଧ ଘୋଷଣା କରିଥିଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ । ଯୁଦ୍ଧର ତୃତୀୟ ଦିନରେ ଆକ୍ରମଣକୁ ଆହୁରି ଜୋରଦାର କରିଛି ଇସ୍ରାଏଲ ସେନା । ଗାଜାଷ୍ଟ୍ରିପରେ ହମାସ ବିଦ୍ରୋହୀ ସେନା ଉପରେ ଆକାଶମାର୍ଗରୁ ଜୋରଦାର ମିଶାଇଲ ମାଡ କରୁଛି ଇସ୍ରାଏଲ । ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଗାଜାର ଦକ୍ଷିଣ ପ୍ରାନ୍ତରେ ଅଧିକାଂଶ ଅଂଚଳ ଦଖଲ କରିସାରିଥିବା ଇସ୍ରାଏଲ ସେନା ଦାବି କରିଛି । ଇହୁଦି ବହୁଳ ଇସ୍ରାଏଲ ଏବଂ ମୁସଲମାନ ବହୁଳ ପାଲେଷ୍ଟାଇନର ହମାସ ବିଦ୍ରୋହୀ ସେନା ମଧ୍ୟରେ ଯୁଦ୍ଧ ଉପରେ ପୁରା ବିଶ୍ୱର ନଜର ରହିଛି ।

# କେନ୍ଦ୍ରାପଡ଼ାରେ ଘରେ ଘରେ ହାତ, ଘରେ ଘରେ କଂଗ୍ରେସ ପଦଯାତ୍ରା

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡ଼ା ବ୍ଲକର ୭ ନଂ ଜୋନ୍‌ରେ କଂଗ୍ରେସ ତରଫରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ପଦଯାତ୍ରା କାର୍ଯ୍ୟକ୍ରମ ବ୍ଲକ ସଭାପତି ଚିତ୍ରସେନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଏହି ପଦଯାତ୍ରା ଗାଙ୍ଗାପଡା ପଂଚାୟତର ଭରସିଂହ ଠାରୁ ଆରମ୍ଭ କରାଯାଇଥିଲା ଏବଂ ପଳସିଂହା ପଂଚାୟତର ବଉଳପଡା, ତେଲିପାଟଣା, ପଳସିଂହା, ଗୋବିନ୍ଦଜୀଉପାଟଣା ଓ ସାତପଡା ପରିକ୍ରମା କରି ସାନମାଣତିଆ ପଂଚାୟତର ସାନମାଣତିଆ ଗ୍ରାମ ପରିକ୍ରମା କରିଥିଲା । ସାନମାଣତିଆ ପରେ ଏହି ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାମଦାସ ମଠରେ ସମାପନ କରାଯାଇଥିଲା । ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ଅଭିଯାନରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମିଲ ହୋଇ ସମବେତ ଜନସାଧାରଣଙ୍କୁ ଦେଶ ତଥା ରାଜ୍ୟର ସାମ୍ପ୍ରତିକ ସ୍ଥିତି ବାବଦରେ ଅବଗତ କରିବା ସହ କଂଗ୍ରେସ ସରକାରର ଅବଦାନ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଶ୍ରୀ ବେହେରା କହିଥିଲେ ଯେ ଭାରତବର୍ଷରେ ଭାଇଚାରା ଓ ବ୍ୟକ୍ତି ସ୍ୱାଧିନତା ମୋଦୀ ସରକାରରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସାମ୍ବିଧାନିକ ଅଧିକାରର ସୁରକ୍ଷା ଓ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କେନ୍ଦ୍ରରେ କଂଗ୍ରେସ ସରକାରର ପ୍ରତ୍ୟାବର୍ତନ ଏକାନ୍ତ ଅପରିହାର୍ଯ୍ୟ । ଅନୁରୂପ ଭାବରେ ରାଜ୍ୟରେ ବିଜେଡି ଶାସନରେ କୃଷକ ସମସ୍ୟା, ବେକାରୀ ସମସ୍ୟା ଓ ଦୁରାଚାର ଲଗାମ ହୀନ ଭାବରେ ବଢିଚାଲିଛି । ଚିନ୍ମୟ ପ୍ରସାଦ ବେହୁରା, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସଭାପତି ସେକ୍ ଅରମାନ୍, ଆଶିଷ ମେକାପ, ରତିକାନ୍ତ ସାମଲ, ଦିଲ୍ଲୀପ ରାଉତ, ଅଜିତ୍ ମହାପାତ୍ର, ରମେଶ ବାରିକ, ପ୍ରଦୀପ କୁମାର ରାଉତ, ପ୍ରଶାନ୍ତ କୁମାର ବିଶ୍ୱାଳ, ଦଳିତ ନେତା ସରୋଜକାନ୍ତ ମଲ୍ଲିକ, ବିକାଶ କୁମାର ମଲ୍ଲିକ, ସାର୍ଥକ ମହାପାତ୍ର, ସଂଖ୍ୟାଲଘୁ ନେତା ସେକ୍ ହାରୁନ୍, ସେକ୍ ନିଶାର, ମହମ୍ମଦ ଇଶାକ, ସୁବାଷ ଚନ୍ଦ୍ର ବିଶ୍ୱାଳ ଓ ନାରାୟଣ ଚନ୍ଦ୍ର ପରିଡା ପ୍ରମୁଖ ନେତୃତ୍ୱ ନେଇ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗଣେଶ୍ୱର ବେହେରାଙ୍କୁ ଆର୍ଶୀବାଦ ଦେବାକୁ ନିବେଦନ କରିଥିଲେ ।

# ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ଆନ୍ଦୋଳନ କରିବାକୁ କ୍ରିୟାନୁଷ୍ଠାନ କମିଟିର ସଜବାଜ

କନ୍ଧମାଳ, ୦୯/୧୦ (ନି.ପ୍ର): ଜିଲା ରେଲୱେ କ୍ରିୟାନୁଷ୍ଠାନ କମିଟି, କନ୍ଧମାଳ ପକ୍ଷରୁ ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳ ସଂଯୋଗ ନେଇ ଆନ୍ଦୋଳନ କରିବାକୁ ବନାନୀ କଳାସଙ୍ଗମ ଠାରେ ଶନିବାର କମଳାକାନ୍ତ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର - ସମ୍ବଲପୁର ଭାୟା ଫୁଲବାଣୀ ପ୍ରସ୍ତାବିତ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୧୯୭୮ ମସିହାରୁ ଜନସାଧାରଣଙ୍କ ଦାବୀ ଅନୁସାରେ ଫୁଲବାଣୀ ସଦର ମହକୁମା ଦେଇ ରେଲୱେ ଲାଇନ ଯିବ ବୋଲି ୱେବ ସାଇଟରେ ପ୍ରଦର୍ଶିତ ହୋଇଥିଲା । କିନ୍ତୁ, ହଠାତ ରେଳ ୱେବସାଇଟରେ ଓ ବିଭିନ୍ନ ଗଣମାଧମରେ ପ୍ରକାଶିତ ଖବର ଅନୁସାରେ, ଫୁଲବାଣୀ ସଦର ମହକୁମାକୁ ରେଳ ଲାଇନ ଛୁଇଁବ ନାହିଁ ବୋଲି ଜଣାପଡିବା ପରେ ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ କରାଯାଇ ଆଗାମୀ କାର୍ଯ୍ୟ ପନ୍ଥା ସ୍ଥିର କରାଯାଇଛି । ଆସନ୍ତା ୧୭ ତାରିଖରେ ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ କରିବାକୁ ସ୍ଥିର ହୋଇଛି । ପରବର୍ତୀ ସମୟରେ ରାଜନୈତିକ ବ୍ୟକ୍ତିଙ୍କ ସହ ଆଲୋଚନା କରାଯିବ । ଏକ ଶୋଭାଯାତ୍ରା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ଗଣଧାରଣା ଓ ପ୍ରତିବାଦ ସଭା କରାଯିବାକୁ ସ୍ଥିର କରାଯାଇଛି । ପୋଷ୍ଟର ବ୍ୟାନର ଲଗାଇ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରିବାକୁ ନିଷ୍ପତି ନିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିବାକୁ ନିଷ୍ପତି ହୋଇଛି । ଏହି ଅବସରରେ ମିଳିତ ନାଗରିକ କମିଟିର ଡଃ. ଅରୁପ କୁମାର ଜେନା, ସାମ୍ବାଦିକ ସୁନିଲ ପଟ୍ଟନାୟକ, ଆଇନଜୀବି ବିଜୟ ମହାନ୍ତି, ବିଜୟକୃଷ୍ଣ ପଟ୍ଟନାୟକ, ରମେଶ ମହାନ୍ତି, ରବୀନ୍ଦ୍ର ନାଥ ମିଶ୍ର, ନାରାୟଣ ସାହୁ, ବ୍ରଜ ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ପ୍ରଣବ ମଣ୍ଡଳ, ଅବନିକାନ୍ତ କହଁର, ଟି. ରାଜଗୋପାଳ ପାତ୍ର, ପଦ୍ମ ଚରଣ ସ୍ୱାଇଁ, ପଦ୍ମ ଚରଣ ସାହୁ, ପ୍ରଶାନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ନବୀନ କିଶୋର ପଣ୍ଡା, ମନୋଜ ଚୌଧୁରୀ, ପ୍ରମୋଦ ସାହୁ, ପ୍ରଭାକର ପାଳ, ଅନିରୁଦ୍ଧ ବେହେରା, ବନବିହାରୀ ନନ୍ଦ, ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ଆଗାମୀ ପଦକ୍ଷେପ ସମ୍ପର୍କରେ ମତାମତ ଦେଇଥିଲେ । କାର୍ଯ୍ୟକ୍ରମକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା ପରିଚାଳନା କରିଥିଲେ ।

# ଭୁବନ ବିଜେଡି ତରଫରୁ ଜନ ସମ୍ପର୍କ ପଦଯାତ୍ରା

ଭୁବନ, ୦୯/୧୦ (ନି.ପ୍ର): ରାଜ୍ୟ ସରକାର ଙ୍କ ବିଭିନ୍ନ ଜନ କଲ୍ୟାଣ ତଥା ଲୋକାଭିମୁଖୀ ଯୋଜନାକୁ ଜନ ସମ୍ପର୍କ ପଦଯାତ୍ରା ମାଧମରେ ପ୍ରତି ଘରେ ପହଂଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ୧୧ ତାରିଖ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ । ଭୁବନ ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଙ୍କ ନେତୃତ୍ୱରେ ୧ ନମ୍ବର୍ ୱାର୍ଡ ସ୍ଥିତ ରାମ ମନ୍ଦିର ପରିସରରୁ ପଦଯାତ୍ରା ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସାହି ଓ ଛକ ମାନଙ୍କରେ ପଥ ପ୍ରାନ୍ତ ସଭା କରି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଲୋକଙ୍କୁ ବୁଝାଇଥିଲେ । ଏଥି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଦେଶରେ ସ୍ୱାସ୍ଥ୍ୟ ସେବାରେ ରୋଲ୍ ମଡେଲ ସାଜିଛନ୍ତି । ଏହି ଯୋଜନାରେ ପୁରୁଷ ମାନେ ୫ ଲକ୍ଷ୍ୟ ଏବଂ ମହିଳା ମାନେ ୧୦ ଲକ୍ଷ୍ୟ ଟଙ୍କାର ଚିକିତ୍ସା ସହାୟତା ପାଉଛନ୍ତି ବୋଲି କହିଥିଲେ । ଏହି ପଦଯାତ୍ରାରେ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ,୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା,୯ ନମ୍ବର୍ ୱାର୍ଡ କାଉନସିଲର ପପୁ କୁମାର ସାହୁ,୧୪ ନମ୍ବର ୱାର୍ଡ କାଉନସିଲର କଳ୍ପନା ବେହେରା ଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ମହିଳା ଯୋଗଦେଇଥିଲେ ।

# ଶ୍ରୀମନ୍ଦିର ଚାରିପଟେ ଥିବା ମୂଲ୍ୟବାନ କୋଠା ଉପରେ ପ୍ରଶାସନର ନଜର : ଭଙ୍ଗାଯାଉଛି ଗଢା ଯାଉନି

ପୁରୀ, ୦୯/୧୦ (ନି.ପ୍ର): ବିଶ୍ୱ ସନାତନ ଓ ହିନ୍ଦୁ ଧର୍ମର ପ୍ରମୁଖ ଧାର୍ମିକ ପୀଠ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର । ପ୍ରଭୁ ଭଗବାନଙ୍କ କଳି ଯୁଗ ଅବତାର କଳା କଳାଠାକୁର । ବିଶ୍ୱକୁ ଆବରିବା ପରି ସମାନ୍ତରାଳ ହାତ ପ୍ରଭୁଙ୍କର ରହିଛି । କିଛି ବର୍ଷ ଧରି ପ୍ରତିଦିନ ହଜାର ହଜାର ଭକ୍ତ ପୁରୀ ଆସୁଛନ୍ତି । ସୌନ୍ଦର୍ଯ୍ୟକରଣ ଐତିହ୍ୟ କରିଡ଼ର ସୁରକ୍ଷା ପ୍ରାଚୀର ନାମରେ ବିଭିନ୍ନ ମଠ,ହୋଟେଲ, ଲଜିଂ ଓ ଘରୋଇ ବାସଗୃହ ଭଙ୍ଗା ଯାଇ ସ୍ୱତନ୍ତ୍ର ପ୍ରାଚୀର ନିର୍ମାଣ କରାଯାଉଛି । ନଅଙ୍କ ଦୁର୍ଭିକ୍ଷ ସମୟରେ ଭୋକିଲା ଜନତାଙ୍କୁ ଖାଦ୍ୟ ପ୍ରଦାନ କରି ଏମାର ମଠ ଜୀବନ ବଞ୍ଚାଇଥିଲା । ସେହି ଏମାର ମଠ ତାର ପ୍ରତିପତି ହରାଇ ସୀମିନ୍ତ ସ୍ଥାନରେ ରହିଛି । ଧାର୍ମିକ ମାହୋଲ ସୃଷ୍ଟି କରୁଥିବା ବିଭିନ୍ନ ମଠ ଭଙ୍ଗା ଯିବା ପରେ ଏବେ ଆଉ ଭଜନ କୀର୍ତନ ଶୁଭୁନାହିଁ । ହବିଷ୍ୟାଳିମାନେ ମନ୍ଦିର ଚାରିପଟେ ଥିବା ମଠରେ ରହି ନୀଳଚକ୍ର ଦର୍ଶନ ସହ ମହାପ୍ରସାଦ ସେବନ କରୁଥିଲେ । ଭାରତବର୍ଷର ବିଭିନ୍ନ ସ୍ଥାନରେ ସାଧୁସନ୍ଥମାନେ ଶ୍ରୀକ୍ଷେତ୍ରକୁ ଆସି ମଠ ମାନଙ୍କରେ ରହିବା ସହ ପ୍ରଭୁଙ୍କୁ ଦର୍ଶନ କରୁଥିଲେ । ନାଗା ସାଧୁମାନେ ବଡ଼ଛତା ଓ ସାନଛତା ମଠରେ ରହି ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିଲେ । ଏବେ ସାଧସନ୍ଥ ମାନଙ୍କୁ ଆଉ ମନ୍ଦିର ଚାରିପଟେ ଦେଖିବାକୁ ମିଳୁନାହିଁ । ଭକ୍ତଙ୍କ ନାମରେ ଅତି ବିଳାସପୂର୍ଣ୍ଣ ଭକ୍ତ ନିବାସ ଚାରୋଟି ନିର୍ମାଣ କରାଯାଇଛି । ସେଥିରେ ଗରିବ ଭକ୍ତ ଗୋଟିଏ କେହି ରହି ପାରୁନାହାନ୍ତି । ଅନ୍ୟ ପକ୍ଷରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ସମ୍ପର୍କୀୟ ପୋଲିସଙ୍କ ସମ୍ପର୍କୀୟ ଓ ଆଇନ ବିଭାଗର ସମ୍ପର୍କୀୟମାନେ ଅନଲାଇନ ବୁକିଂ କରି ଭକ୍ତ ନିବାସରେ ରହୁଥିବା ଦେଖିବାକୁ ମିଳୁଛି । ସିଂହଦ୍ୱାର କଂସା ପଟି ଠାରେ ଥିବା ବାଗେଡ଼ିଆ ଧର୍ମଶାଳାରେ ହଜାର ହଜାର ଭକ୍ତ ଅଳ୍ପ ଟଙ୍କାରେ ରହୁଥିବା ବେଳେ ପ୍ରଶାସନ କାରସାଦି ପରି ସେହି ମଠକୁ ମାଡ଼ି ବସିଛି । ଏତେ ବଡ଼ ମଠ ଓ ଶହ ଶହ କୋଠରି ଏବେ ଖାଲି ପଡ଼ିଛି । କେବଳ ସିଂହଦ୍ୱାର ଥାନା ଓ ୪ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ଚାଲୁଛି । ଖାଲିଥିବା କୋଠରି,ଅଗଣା ଓ ଛାତ ଉପରେ ଏବେ ମାଙ୍କଡ଼ ବସା ବାନ୍ଧିଛନ୍ତି । ଘୋ ଘୋ ନାଦରେ କୋଳାହଳ ହେଉଥିବା ଏହି ଧର୍ମଶାଳା ଏବେ ଖାଁ ଖାଁ ଲାଗୁଛି । ଗରିବ ଭକ୍ତଙ୍କ ନାମରେ ପୁଣି ପୁରୁଣା ବାସେଳି ଥାନା ଚାଲୁଥିବା କୋଠ ଉପରେ ନଜର ପଡ଼ିଛି । ଗତ ଦୁଇ ଦିନ ତଳେ ଏହି କୋଠାକୁ ଭଙ୍ଗା ଯାଇ ଗରିବଙ୍କ ନାମରେ ଧର୍ମଶାଳା କରାଯିବ ବୋଲି ପ୍ରଚାର ଚାଲିଛି । ଏବେ ପୌରସଂସ୍ଥା ଅଧୀନରେ ଥିବା ଲିଜ୍ ସମ୍ପତି ଉପରେ ନଜର ପଡ଼ିଛି । ଯେଉଁମାନେ କାଗଜପତ୍ର ସଠିକ୍ ଦେଖାଇ ନପାରିବେ ସେହି ସଂପତି ପୁଣି ପୌରସଂସ୍ଥା ଅଧୀନକୁ ଚାଲିଯିବ । ଅଧିକ ଦରରେ ପୁଣି ଲିଜ୍ ଦିଆଯିବାର ସମ୍ଭାବନା ରହିଛି । ଜଗନ୍ନାଥଙ୍କ ନାମରେ ହୁଣ୍ଡି ଓ ଜଗନ୍ନାଥଙ୍କ ସଂପତିରେ ଆସୁଥିବା ଆୟ ଶ୍ରୀମନ୍ଦିର ଉନ୍ନତି, ସେବାୟତଙ୍କ ଉନ୍ନତି ଓ ମନ୍ଦିର ଚାରିପଟ ବାସିନ୍ଦା ମାନଙ୍କ ଉନ୍ନତିରେ ଖର୍ଚ୍ଚ କରିବା ପାଇଁ ଭକ୍ତ ମହଲରେ ଦାବି ହେଉଛି । ମନ୍ଦିରରୁ ଆୟ ହେଉଥିବା ସଂପତିରୁ ଅଧିକାଂଶ ଅର୍ଥ ଦରମା ଓ ଆଇନ ବିଭାଗ ଖର୍ଚ୍ଚ କରୁଛି । ଯାହାଫଳରେ ଭକ୍ତ ମୁଠାଏ ଅବଢା ମାଗଣାରେ ପାଇ ପାରୁନାହାନ୍ତି । ଜଗନ୍ନାଥଙ୍କ ସମ୍ପତି ପରେ ଲୋକନାଥଙ୍କ ସଂପତି ଉପରେ ଆଖି ପଡ଼ିଛି । ପୁରୁଣା ବାସେଳି ସାହି ଥାନା ଏବେ ଉଚ୍ଛେଦ କରାଯାଇଛି । ସେହି ସ୍ଥାନରେ ପ୍ରଭୁ ଲୋକନାଥ ମା ପାର୍ବତୀଙ୍କୁ ବିବାହ ନୀତି ସଂପନ୍ନ ହେଉଥଲା । କିଛି ଦିନ ପାଇଁ ଚୁକ୍ତି ଭିତିରେ ବାସେଳି ସାହି ଥାନା ଖୋଲିବାକୁ ଅନୁମତି ଦିଆଯାଇଥିଲା । ଏହି ସ୍ଥାନ ଉପରେ ମାମଲା ଚାଲିଥିବା ବେଳେ ଏହାକୁ କିପରି ଉଚ୍ଛଦ କରାଗଲା ସେ ସଂପର୍କରେ ଚର୍ଚ୍ଚା ଜୋର ଧରିଛି ।

# ଶିଶୁ ପୁତ୍ରକୁ ମାର ଚେଙ୍କ : ଶିଶୁ ସୁରକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା, ୦୯/୧୦ (ନି.ପ୍ର): ମା' ଭୁଲି ଯାଉଛି ମମତା । ନିଜ ଜନ୍ମଜାତ ଶିଶୁ ପୁତ୍ରକୁ ସ୍ନେହ ଶ୍ରଦ୍ଧା କରିବା ପରିବର୍ତେ ଦେଉଛି ଚେଙ୍କ । ଏହି ଦେବା ଘଟଣାକୁ ନେଇ ଶିଶୁପୁତ୍ର ଛଯପଟ ହେବା ଘଟଣାକୁ ନେଇ ସାହି ପଡିଶାଙ୍କ ଆଖିରେ ଆସି ଯାଉଛି ଲୁହ । ହେଲେ ଏଭଳି ମାଆ ପ୍ରତି ବିରୋଧ କରିବା କାହାରି ସାହାସ ହେଉ ନାହିଁ । ଏଭଳି ପରିସ୍ଥିତିରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଲଙ୍କାବାଲି ସାହି ଗ୍ରାମରେ । ଏହି ଗ୍ରାମର ଅଚ୍ୟୁତ ପାଢୀ ଦିନ ମଜୁରିଆଭାବେ ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ଅଚ୍ୟୁତଙ୍କ ବୃଦ୍ଧ ପିତା ବାହାରେ ରହି କାମଧନ୍ଦା କରନ୍ତି । ଘରେ ୨ ପୁଅ ସହ ପତ୍ନୀ ମୋନାଲିସା ଓ ବୃଦ୍ଧା ମାଆ ଘରେ ରୁହନ୍ତି । ମୋନାଲିସା ଅନେକ ସମୟରେ ତାଙ୍କର ୮ ବର୍ଷୀୟ ବଡପୁଅକୁ ଅନେକ ସମୟରେ ଚେଙ୍କ ଦେଉଥିବା ଜଣାପଡିଛି । ଛଟପଟ ହୋଇ ସେ ନିଜ ଜେଜ ମାଆଙ୍କୁ ସବୁ କଥା ଜଣାଇଥିଲେ । ଜେଜମାଆ ଏହାକୁ ବିରୋଧ କରିବାରୁ ମୋନାଲିସା ଶାଶୁକୁ ମଧ୍ୟ ମାଡ ମାରୁ ଥିବା ଜଣାପଡିଛି । ଫଳରେ ଶିଶୁ ପୁତ୍ର ଗୁରୁତର ହୋଇଥିଲେ ମଧ୍ୟ ତାଙ୍କୁ ଚିକିତ୍ସା କରୁ ଥିବା ଜଣାପଡିଛି । ଫଳରେ ବହୁ କଷ୍ଟରେ ସେ ଜୀବନ କାଟୁ ଥିବା ବେଳେ ଏଥିପ୍ରତି କାହାରି ନଜର ପଡୁ ନାହିଁ । ପୂର୍ବରୁ ଅନେକ ଥର ଅଚ୍ୟୁତ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ଏପରିକି ସେ ଗତ କାଲି ଅନଲାଇନ ମାଧ୍ୟମରେ ଶିଶୁ ସୁରକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଏଭଳି ଘଟଣାକୁ ଯାଜପୁର ଶିଶୁ ସୁରକ୍ଷା ୟୁନିଟ୍ ତୁରନ୍ତ ଦୃଷ୍ଟି ଦେବାକୁ ପିତା ଅଚ୍ୟୁତ ଓ ଜେଜମାଆ ଓ ଜେଜବାପା ଦାବି କରିଛନ୍ତି ।

# ଶତ୍ରୁ ଦି ଏୱେକେନିଙ୍ଗର ପ୍ରିମିଅର ସୋ ଅନୁଷ୍ଠିତ

ବଲାଙ୍ଗୀର, ୦୯/୧୦ (ନି.ପ୍ର): ଶତ୍ରୁ ଦି ଏୱେକେନିଙ୍ଗ ର ପ୍ରିମିଅର ସୋ ରୟାଲ ସିନେମାରେ ଅନୁଷ୍ଠିତ ହୋଇଯାଇଛି । ଏ କେ ଫିଲ୍ମସ ଏବଂ ହରେକ୍ରିଷ୍ଣ ଏଣ୍ଟରନେନର୍ସ ର ମିଳିତ ପ୍ରସ୍ତୁତି ଆମ ଅଂଚଳର କଥା ବସ୍ତୁ ତଥା ଆମ ଅଂଚଳର ବଛା ବଛା କଳାକାର କୁ ନେଇ ତିଆରି ହୋଇଛି । ଏଇ ଚଳଚ୍ଚିତ୍ର ର ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ମିଶ୍ର ଓ ହିମାଂଶୁ ଖମାରୀ, ମୁଖ୍ୟ ସହ ନିର୍ଦ୍ଦେଶନା ତଥା କଳାକାର ଚୟନରେ ବିନୋଦ କାଲସାଏ । କ୍ୟାମେରା ହରେରାମ ସାହୁ ଓ ସମ୍ପାଦନା କିର୍ତି ଗହିର । ସଙ୍ଗୀତ ଜୟ ପ୍ରକାଶ ପୂଜାରୀ, କଣ୍ଠମାଧବ ଦାଶ କାହାଣୀ ସଂଳାପ ଅଶୋକ ମିଶ୍ର । ମୁଖ୍ୟ ଭୂମିକା ରେ ଜିତେନ୍ଦ୍ରିୟ ହୋତା, ଅର୍ଚ୍ଚନା ପାଢୀ, ଅଶୋକ ମିଶ୍ର, ହିମାଂଶୁ ଖମାରୀ, ଗୋବର୍ଦ୍ଧନ ଭୋଇ, କପିଳେଶ୍ୱର, ଗଦାଧର, ବେନି ମାଧବ, ବାବୁ ପୂଜାରୀ, ପ୍ରଦ୍ୟୁମ୍ନ ମହାନ୍ତି, ପୀତବାସ ପଣ୍ଡା, ଲଳିତ ପୂଜାରୀ, ଆରାଧନା, ଆଦି , ଚନ୍ଦ୍ରମା, ଶ୍ରୀରାଧା, ଅନୁପ୍ରୀୟା, ରିଙ୍କି, ଦିଲିପ, ନବୀନ ବେହେରା, ଅଶୋକ, ବିଭୁ କଲ୍ୟାଣ ଗଡତ୍ୟା, ଆରାଧା, ବିଜୟ, ବିବେକ, ସରୋଜ ମିଶ୍ର, ରମାକାନ୍ତ, କଳାକାହ୍ନୁ ପ୍ରମୁଖ ଅଭିନୟ କରିଛନ୍ତି । ଫିଲ୍ମଟି ବିଭିନ୍ନ ସିନେମା ହଲରେ ମୁକ୍ତିଲାଭ କରି ଲୋକପ୍ରିୟ ହେବ ବୋଲି ପ୍ରଯୋଜକ ଅଶୋକ ମିଶ୍ର ଜଣାଇଛନ୍ତି ।

# କୁମାର ଉତ୍ସବ ସମିତିର ପ୍ରତିଯୋଗିତା

ପୁରୀ, ୦୯/୧୦ (ନି.ପ୍ର): କୁମାର ଉତ୍ସବ ସମିତି ର ୫୬ତମ କୁମାର ଉତ୍ସବ ପାଳନ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବେଦ ପାଠ, ଗୀତ ପାଠ, ଏକକ ଅଭିନୟ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଝୋଟି ଏଥି ସହ ଶ୍ରୀକ୍ଷେତ୍ର କୁମାର/କୁମାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । ଏହି ପ୍ରତିଯୋଗିତା ରେ ଜିଲ୍ଲା ର ବିଭିନ୍ନ ପ୍ରାନ୍ତ ରୁ ୫୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭ ରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଦୁଲତା ଆଚାର୍ଯ୍ୟ, ଚକ୍ରଧର ମହାପାତ୍ର, ମନୋଜ ରଥ, ରାଜେଶ ମିଶ୍ର,ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପଣ୍ଡା, ଭରତ ନାୟକ, ଶ୍ରୀକାନ୍ତ ମହାନ୍ତି, ଡ ପ୍ରଦିପ ଆଚାର୍ଯ୍ୟ, ଡ ନନ୍ଦିଘୋଷ ମହାପାତ୍ର, ଡ ଚନ୍ଦନ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ କୁମାର ଉତ୍ସବ ସମିତି ର ସେବା କାର୍ଯ୍ୟକ୍ରମ ସହ ସଂସ୍କୃତ ଓ ପରମ୍ପରା ର ସୁରକ୍ଷା ପାଇଁ ଯେଉଁ ଉଦ୍ୟମ ଜାରି ରହିଛି ତାହାର ଭୂୟସୀ ପ୍ରଶଂସା କରିଥିଲେ । ସମସ୍ତ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଅକ୍ଟୋବର ୨୯ ରୁ ୩୧ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଂଚରେ ଆୟୋଜିତ ୫୬ତମ କୁମାର ଉତ୍ସବ ରେ ପୁରସ୍କୃତ କରାଯିବା ସହ ଦୁଇ କୁନି ଶିଶୁ ପ୍ରତିଭାଙ୍କୁ ସାମଗ୍ରିକ କୃତି ନିମନ୍ତେ ଶ୍ରୀକ୍ଷେତ୍ର କୁମାର କୁମାରୀ ଉପାଧି ପ୍ରଦାନ କରାଯିବ । ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କୁ ଗୋପବନ୍ଧୁ ଚିକିତ୍ସାଳରେ ଚିକିତ୍ସିତ ଅନ୍ତେବାସୀ ମାନେ ବହୁ ପରିମାଣରେ ଉପସ୍ଥିତ ରହି ଉପଭୋଗ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା କୁ ସାଧନା ମହାନ୍ତି, ମନସ୍ମିତା ସାହୁ, ବିରଂଚି ଷଡଙ୍ଗୀ,ମିର୍ଣାଳିନ ଦାସ, ମଳୟ ଗଜେନ୍ଦ୍ର, ବିଶ୍ୱଜିତ୍ ରାଜ, ବିକାଶ ଦତ, ପ୍ରମୋଦ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ,ଚନ୍ଦନ ସାହୁ, ନିଗମ ପାତ୍ର,କ୍ଷୀରୋଦ ଦାସ,ସନ୍ଧ୍ୟା ରାଣୀ ସାହୁ, ରାକେଶ ସାହୁ, ଅସୀମା ରାହୁଲ, ସନ୍ତୋସିନି ନାୟକ, ସୌମ୍ୟ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଦେବୀ ପ୍ରସାଦ ମିଶ୍ର,ବନିତା ଦିକ୍ଷୀତ, ଶ୍ୟାମ ପ୍ରକାଶ ସେନାପତି,ଅଭ୍ୟୁଦୟ ଦାସ, ଦେବରାଜ ଦାସ, ନିରୋଜ ମହାନ୍ତି, ବିଶ୍ୱନାଥ ଦାସ ଓ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପରିଚାଳନା କରିଥିଲେ ।

# କୋରାଇ ପ୍ରେସ କ୍ଲବର ନୂତନ କର୍ମକର୍ତା ନିର୍ବାଚନ : ସୁବାସ ସଭାପତି ଓ ମଳୟ ସଂପାଦକ

କୋରେଇ, ୦୯/୧୦ (ନି.ପ୍ର): କୋରାଇ ପ୍ରେସ କ୍ଲବର ନୂତନ କର୍ମକର୍ତା ନିର୍ବାଚନ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରବିବର ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ପୂର୍ବତନ କର୍ମକର୍ତା ନିଜ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ପରେ ନୂତନ କର୍ମକର୍ତା ନିର୍ବାଚନ ପାଇଁ ବରିଷ୍ଠ ସାମ୍ବାଦିକ ପୀତବାସ ଭୂୟାଁ, ପବିତ୍ର ମୋହନ ରାଉତ ରାୟ ଓ ଆଶୁତୋଷ ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ସମ୍ବାଦିକ ସୁବାସ ଧଳଙ୍କୁ ପୁନର୍ବାର ସଭାପତି ଓ ମଳୟ କୁମାର ମଲ୍ଲିକଙ୍କୁ ସଂପାଦକ ଭାବେ ସର୍ବସମତି କ୍ରମେ ମନୋନିତ କରାଯାଇଥିଲା । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟଙ୍କୁ ମନୋନିତ କରାଯାଇଥିଲା ବେଳେ ସହ ସମ୍ପାଦକ ଅକ୍ଷୟ କୁମାର ପରିଡା, କୋଷାଧକ୍ଷ ଅଶୁତୋଷ ମହାନ୍ତି ଓ ମୁଖପାତ୍ର ଭାବେ ରବିନ୍ଦ୍ର କୁମାର ରାଉତଙ୍କୁ ମନୋନୀତ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ପୀତବାସ ଭୂୟାଁଙ୍କୁ ଚୟନ କରାଯାଇଥିଲା ବେଳେ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ପାଣିକୋଇଲିରୁ ଶ୍ରୀକାନ୍ତ ରାୟ, ବୈତରଣୀ ରୋଡରୁ ଶତ୍ରୁଘନ ପଣ୍ଡା, କୋରାଇରୁ ପ୍ରମୋଦ କୁମାର ପାତ୍ର, ଯାଜପୁରରୋଡରୁ ଜିତେନ୍ଦ୍ର ରାଉତ ଓ ରଗଡିରୁ ସୁକର୍ଣ୍ଣ ରାଉତ ପ୍ରମୁଖ ମନୋନିତ ହୋଇଥିଲେ । ଅନୁଷ୍ଠିତ ନିର୍ବାଚନରେ ବରିଷ୍ଠ ସାମ୍ବାଦିକ ବିରଂଚିନାରାୟଣ ଖୁଂଟିଆ, ରଜତକୁମାର ସାହା, ବ୍ରଜକିଶୋର ରାଉତ, ଚନ୍ଦ୍ରକାନ୍ତ ପତି, ସୁଧିରକୁମାର ମହାରଣା, ଅଭୟକୁମାର ପରିଡା, ପ୍ରତାପ କୁମାର ବେହେରା, ପ୍ରହଲ୍ଲାଦ ଦେଓ, ଦିନେଶ ପରିଡା, ବିନୟ କୁମାର ରାଉତ, ଭାସ୍କର ସାହୁ, ମନୋଜ ସାହୁ, ଉପେନ୍ଦ୍ର ପାତ୍ର, ତାରିଣୀକୁମାର ପଟ୍ଟାୟକ, ପ୍ରଦୀପକୁମାର ମାଝୀ, ଜତିଶ କୁମାର ମଲ୍ଲିକ, ନିଳକଣ୍ଠ ସେନାପତି, ଅଶୋକ କୁମାର ଦାସ, ସୁନିଲ କୁମାର ଓଝା ପ୍ରମୁଖ ସାମିଲ ହୋଇଥିଲେ । କ୍ଲବର କାର୍ଯ୍ୟପନ୍ଥା ପରବର୍ତୀ ବୈଠକରେ ଆଲୋଚନା ହେବ ବୋଲି ଅନୁଷ୍ଠିତ ସଭା ନିଷ୍ପତି ନିଆଯାଇଥିଲା । ଶେଷରେ ରବିନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରବାଦୀ କବିତା ମହୋତ୍ସବ ପ୍ରସ୍ତୁତି ଓ ଲୋଗୋ ଉନ୍ମୋଚନ

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସାମାଜିକ ସଂଗଠନ ଜୟରାଷ୍ଟ୍ର ପକ୍ଷରୁ ହେବାକୁ ଥିବା ରାଷ୍ଟ୍ରବାଦୀ କବିତା ମହୋତ୍ସବ ର ପ୍ରସ୍ତୁତି ବୈଠକ ଓ ଲୋଗୋ ଉନ୍ମୋଚନ କନ୍ତିଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ଶୁଭାଶିଷ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସ୍ଥିତ ସଦସ୍ୟ ମାନେ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ମଠ ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସ ମହାରାଜ, ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ବିରେନ୍ଦ୍ର ଦାସ, ଅଧାପକ ବୃନ୍ଦାବନ ଦାସ ଅତିଥି ଭାବେ ଯୋଗ ଦେଇ ଲୋଗୋ ଉନ୍ମୋଚନ କରିଥିଲେ । ଅନୂତନ ଅତିଥି ଭାବେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ରଂଜନକୁମାର ବିଶ୍ୱାଳ, ଜ୍ୟୋତି ରଂଜନ ନାୟକ, ପ୍ରବୋଧ କୁମାର ପଣ୍ଡା, ପତିତପାବନ ଲେଙ୍କା ପ୍ରମୁଖ ଯୋଗ ଦେଇ ଆଧୁନିକ ଭାରତ ସାହିତ୍ୟରେ ରାଷ୍ଟ୍ରବାଦୀ ଚେତନା ସଂପର୍କରେ ଆଲୋଚନା କରିଥିଲେ ।

# ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୦୯/୧୦ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରୁ ରବିବାର ଜିଲା ପୋଲିସ ତରଫରୁ ସାଇବର ସୁରକ୍ଷା ନେଇ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମାରାଥନ, ସାଇକ୍ଲିଙ୍ଗ ମାରାଥନ, ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ ଜୟପୁର ବାସୀ ସାମିଲ ହୋଇଥିଲେ । ସମସ୍ତ ବର୍ଗର ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ । ସମସ୍ତ କାଯ୍ୟକ୍ରମକୁ କୋରାପୁଟ ଏସପି ଅଭିନବ ସୋନାକାର ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଏହି କାଯ୍ୟକ୍ରମରେ ଏସଡିପିଓ ହରିସ ବିସି, ଜୟପୁର ପୌର ଅଧକ୍ଷ ନେରନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ସତ୍ୟ ନନ୍ଦ ପାତ୍ର ସ୍ୱେଚ୍ଛାସେବି ଅନୁଷ୍ଠାନ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଜୟପୁର ରାଜାନହର ଛକ ମଂଚରେ ପ୍ରଡ କଲ ରେ ବ୍ୟାଙ୍କ ଜମା ଖାତାରୁ କିପରି ଟଙ୍କା ଲୁଟ ହେଉଛି । ସେଥିରୁ କେମିତି ରକ୍ଷା ପାଇପାରିବେ ସେଥି ପାଇ ଜିଲା ପୋଲିସ ପ୍ରଶାସନ ତରଫରୁ ସାଇବର କ୍ରାଇମର ସୁରକ୍ଷା ଉପରେ ମନୋରଞ୍ଜନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱର ଘୁଙ୍ଗରର ଗୀତ ହାସ୍ୟ ରସତ୍ମକ ନାଟକ, ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ସାଇବେର କ୍ରାମରୁ ନିଜକୁ ବଂଚେଇବା ପାଇଁ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ପାଇ ଜିଲା ପୋଲିସ ତରଫରୁ ସଚେତନ କରାଯାଇଛି । ମିନିମାରାଥନ, ସାଇକେଲିଙ୍ଗ ମାରାଥନ, ବାଇକ ଶୋଭାଯାତ୍ରା କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ହାଇସ୍କୁଲ, କଲେଜ ଓ ୟୁନିଭରସିଟିରେ କୁଇଜ ପ୍ରତିଯୋଗତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ କୋରାପୁଟ ଏସପି ଅଭିନବ ସୋନାକାର ପୁରସ୍କୁତ କରିଥିଲେ । ସାଇବର ରଥ ପହଂଚିବା ପରେ ସ୍ୱାଗତ କରିବା ପରେ ସହର ଓ ଗ୍ରାମାଂଚଳ ପରିକ୍ରମା କରାଯାଇ ସାଇବର ସେଫଟି ଉପରେ ସଚେତନ କରିଯାଇଥିଲା ।

# ଦାବି ପୂରଣରେ ବିଳମ୍ବ କାରଣରୁ ଆନ୍ଦୋଳନର ଧମକ ଦେଲା ମିଳିତ ଅମଲା ସଙ୍ଘ ମଂଚ


କେନ୍ଦୁଝର, ୦୯/୧୦ (ନି.ପ୍ର): ସରକାରଙ୍କ ପକ୍ଷରୁ ଅମଲା ସଙ୍ଘର ଦାବୀ ପୂରଣ ଦିଗରେ କୌଣସି ନିଷ୍ପତି ଗ୍ରହଣ କରିବା ଦିଗରେ ଅହେତୁକ ବିଳମ୍ବ କରାଯାଉଥିବା କାରଣରୁ କେନ୍ଦୁଝର ଶାଖା ଅମଲା ସଙ୍ଘ ର ମିଳିତ ମଚଂ ପକ୍ଷରୁ ପୁନଃ ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦିଆଯାଇଛି । ଏହି ଉପଲକ୍ଷେ ଅମଲା ମାନଙ୍କ ପକ୍ଷରୁ ଆୟୋଜିତ ଏକ ବୈଠକରେ ନିଷ୍ପତି ନିଆଯାଇଛି । ଅମଲା ସଙ୍ଘ ମଚଂ ର କହିବାନୁଶାରେ କନିଷ୍ଠ ସହାୟକଙ୍କ ପ୍ରବେଶିକା ଗ୍ରେଡ ପେ ୧୯୦୦ (ଲେବଲ-୪) ରୁ ୪୨୦୦ (ଲେବଲ-୯) କୁ ବୃଦ୍ଧି ଦାବୀରେ ମଚଂ ପକ୍ଷରୁ ଗତ ଜୁନ ୧ ତାରିଖରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା । କିନ୍ତୁ ସରକାରଙ୍କ ପକ୍ଷରୁ ଦାବୀ ଶିଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନକୁ ଜୁନ ୧୭ ତାରିଖ ଦିନ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଏବେ ଦାବୀ ପୂରଣ ଦିଗରେ ସରକାରଙ୍କର ଅହେତୁକ ବିଳମ୍ବକୁ ଯୋଗୁଁ ସେମାନଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଛି ।

# ବଲାଙ୍ଗୀର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର, ୦୯/୧୦ (ନି.ପ୍ର): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବଲାଙ୍ଗୀର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ସଭାପତି ଇଂ. ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ବଲାଙ୍ଗୀର ପୌରାଂଚଳରେ ଥିବା ବିଭିନ୍ନ ସମସ୍ୟାକୁ ନେଇ କମିଟିର ପ୍ରତିନିଧିମାନଙ୍କ ସହ ପୌର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ଆଲୋଚନା ହେବା ପାଇଁ ନିଷ୍ପତି ହୋଇଛି । ସେହିପରି କମିଟି ତରଫରୁ ଏକ ସ୍ମରଣିକା ପ୍ରକାସ ପାଇବା, ନୂତନ ସଭ୍ୟ ଗ୍ରହଣ କରିବା ଇତ୍ୟାଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା । ସାଧାରଣ ସଂପାଦକ ମନୋରଂଜନ ସାହୁ ସଭାକୁ ପରିଚାଳନା କରି ନୂତନ ସଭ୍ୟମାନଙ୍କୁ ନାଗରିକ କମିଟିର ଅତୀତର ଉପଲବ୍ଧି ସହ ଉଦ୍ଦେଶ୍ୟ ଓ କର୍ତବ୍ୟ ସମ୍ବନ୍ଧରେ ସୂଚନ ଦେଇଥିଲେ । ଆଲୋଚନାରେ ଗଜେନ୍ଦ୍ର ଭମର, ଜୟରାମ ମିଶ୍ର, କିଶୋର ମୋହନ ମିଶ୍ର, ଗୋପଭୂଷଣ ନାଥ, ଅଶୋକ ମିଶ୍ର, ଧର୍ମବ୍ରତ ରଥ, ଗୋପବନ୍ଧୁ ପୁରୋହିତ, ପ୍ରଶାନ୍ତ ପଟ୍ଟନାୟକ, ସରୋଜ ଚୋପଦାର, ଦିବାକର ହୋତା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନୂତନ ସଭ୍ୟ ରୂପେ ଲୋକନାଥ ନେପାକ, ସୁବାଷ ଚନ୍ଦ୍ର ଶତପଥି, ସୁବାଷ ଚନ୍ଦ୍ର ଦାଶ, କୃପାସିନ୍ଧୁ ମିଶ୍ର, ନରେନ୍ଦ୍ର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠି, ବିଭୁତି ଭୂଷଣ ତ୍ରିପାଠି, ଅଶୋକ ରଣା ଓ କିଶୋର କୁମାର ପୁରୋହିତଙ୍କୁ ଗ୍ରହଣ କରାଯାଇଥିଲା । କମିଟିର ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ମଙ୍ଗଳବାର, ଅକ୍ଟୋବର ୧୦, ୨୦୨୩

# ଅତିଥିଙ୍କୁ ଛେପ ପକାଇ କରନ୍ତି ସ୍ୱାଗତ



ପ୍ରଥମେ ଛେପରେ ସ୍ୱାଗତ କରନ୍ତି । ଅର୍ଥାତ୍ କିଏ ତାଙ୍କ ଘରକୁ ଆସିଲା ତାଙ୍କ ଉପରକୁ ପକାଯାଇଥାଏ ଛେପ । ଏହି ଜନଜାତିର ଲୋକଙ୍କ ଘରକୁ କୌଣସି ଅତିଥି ଆସିଲେ ସେମାନେ ପରସ୍ପର ସହ ପ୍ରଥମେ ହାତ ମିଳାଇଥାନ୍ତି ଏବଂ ପରେ ଏହି ହାତରେ ଛେପ ପକାଇଥାନ୍ତି । ଲୋକଙ୍କ କହିବା କଥା ହେଉଛି ଏହା ଏକ ସମ୍ମାନର ପ୍ରତୀକ । ସେହିପରି ନବଜାତ ଶିଶୁକୁ ଆଶୀର୍ବାଦ ଦେବା ପାଇଁ ତା' ଉପରେ ଛେପ ପକାଯାଇଥାଏ । ଏହା କରିବା ଦ୍ୱାରା ଶିଶୁର ସମସ୍ତ ପାପ ଦୂର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ।

ଘରକୁ ଅତିଥି ଆସିଲେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥାଏ । ସେମାନଙ୍କ ପାଇଁ ଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇଥାଏ । ଭାରତରେ ଅତିଥିଙ୍କୁ ଭଗବାନ ଭାବେ ଗ୍ରହଣ କରାଯାଏ । ହେଲେ ଏମିତି ଏକ ଜନଜାତି ଅଛି ଯେଉଁମାନେ ଅତିଥିମାନଙ୍କୁ ଛେପ ପକାଇ ନିଜ ଘର ଓ ପରିବାରରେ ସ୍ୱାଗତ କରିଥାନ୍ତି ।

କେନିଆ ଏବଂ ତାଞ୍ଜାନିଆରେ ମସିହା ନାମରେ ଏପରି ଏକ ଜନଜାତି ବାସ କରନ୍ତି ଯେଉଁମାନଙ୍କର ସ୍ୱାଗତ କରିବାର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ । ଏମାନେ ଘରକୁ ଆସୁଥିବା ଅତିଥିଙ୍କୁ



# ଆଖି ସମ୍ପର୍କିତ ତଥ୍ୟ

ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ଭାବେ ଚକ୍ଷୁକୁ ବିବେଚନା କରାଯାଏ । ଚକ୍ଷୁ ସମ୍ପର୍କିତ କିଛି ତଥ୍ୟ ଏକ ଜାପାନୀ ପତ୍ରିକାରେ ପ୍ରକାଶ ପାଇ, ଲୋକଙ୍କ ଦ୍ୱାରା ଆଦୃତ ହେଲା ପରେ ସୋସିଆଲ ସାଇଟରେ ମଧ୍ୟ ଏସବୁ ତଥ୍ୟ ପ୍ରକାଶିତ ହେଲା ।

- ମନୁଷ୍ୟର ଚକ୍ଷୁ ଏକ ଡିଜିଟାଲ କ୍ୟାମେରା ହୋଇଥିଲେ, ତାହାର କ୍ଷମତା ୫୭୬ ମେଗାପିକ୍ସେଲ ହୋଇଥାନ୍ତା ।

- ବର୍ତ୍ତମାନ ଠାରୁ ୧୦ ହଜାର ବର୍ଷ ପୂର୍ବେ ମନୁଷ୍ୟ ଡୋଳାରେ ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପରିବେଶ ପରିବର୍ତ୍ତନ ସହିତ ବଂଶାନୁକ୍ରମିକ କାରଣରୁ ଏବେ ମନୁଷ୍ୟର ଆଖି ଡେଳାରେ ରଙ୍ଗ ଭିନ୍ନତା ପରିଲକ୍ଷିତ ହେଉଛି ।

- ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା । ସୈନିକମାନଙ୍କୁ ଏହା ଚକ୍ଷୁ ପାଇଁ ଏକ ଚମତ୍କାର ଖାଦ୍ୟ ଭାବେ ଅବଗତ କରାଯାଇ ନିୟମିତ ସକାଳ-ସନ୍ଧ୍ୟାରେ ୧ କିଲୋ ଲେଖାଏଁ ଗାଜର ଖାଇବାକୁ ଦିଆଯାଉଥିଲା । ସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିମ୍ବା ଗବେଷଣାରୁ ଏହି ତଥ୍ୟ ଉନ୍ମୋଚନ ହୋଇଥିଲା । ପରେ ବିଶେଷଜ୍ଞମାନେ ପ୍ରକାଶ କଲେ ଯେ ଆଖି ପାଇଁ ଗାଜର ଏକ ଉତ୍ତମ ଖାଦ୍ୟ ।

- ମନୁଷ୍ୟ ଚକ୍ଷୁର ଫୋକୋସିଙ୍ଗ ମସଲ ଦୈନିକ ୧୦ଲକ୍ଷ ଥର ଅତିକ୍ରମ କରିଥିବାର ତଥ୍ୟ ପ୍ରକାଶିତ ।

- ଆଖି ମେକଅପରେ ବ୍ରିଟେନ ଯୁବତୀ ଓ ମହିଳା ସର୍ବାଗ୍ରେ । ଏମାନେ ମାସକୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଛାଇନଥାନ୍ତି ।

# ସୁଗାର ଫ୍ରି ଓ ଲୋ-ଫ୍ୟାଟ୍‌ର ସତ୍ୟତା




ପ୍ୟାକେଟ ଖାଦ୍ୟ ଉପରେ ନୋ-ଫ୍ୟାଟ, ନୋ ସୁଗାର, ଲୋ କଲେଷ୍ଟ୍ରୋଲ, ଲୋ ସଲ୍ଟ ଲେଖାଯାଇଥିବା ଦେଖି ଆପଣ ଅନେକ ସମୟରେ ଭାବୁଥିବେ ସ୍ୱାସ୍ଥ୍ୟକର ଖାଦ୍ୟ ନେଉଛନ୍ତି । କିନ୍ତୁ କମ୍ପାନୀମାନଙ୍କ ଦାବିରେ ସବୁବେଳେ ସତ୍ୟତା ନଥାଏ । ଏହି ନୂଆ ତଥ୍ୟ ଜର୍ଣ୍ଣାଲ ଅଫ ଆକାଡେମୀ ଅଫ ନ୍ୟୁଟ୍ରିସିୟାନ ଆଣ୍ଡ ଡାଏଟିକ୍ସରେ କୁହାଯାଇଛି । ଗତ ୫ ପାଞ୍ଚ ବର୍ଷରେ ଆମେରିକାର ୮ କୋଟିରୁ ଅଧିକ ଖାଦ୍ୟପେୟ ଉପରେ ଅଧ୍ୟୟନ କରି ପ୍ରଫେସର ଲିଣ୍ଡସେ ସ୍ମିମ ଟେଲି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଅନେକ ପ୍ୟାକେଟ ଉପରେ ଲେଖାଯାଇଥାଏ ଯେ, ଏଥିରେ ସୁଗାର ଓ ମିଠାପଣ ନାହିଁ । ଏହାର ଅର୍ଥ ଏଥିରେ ସୁକ୍ରୋଜ ନାହିଁ । କିନ୍ତୁ ଫ୍ରକଟୋଜ, ଡେକ୍ସଟ୍ରୋଜ, ମେଲିଟୋଲ ଓ ଫ୍ରେକ୍ଟିସ କର୍ଣ୍ଣ ସିରପ ପ୍ରଭୃତି ରହିଥାଏ, ଯାହାକି ଖୁବ କ୍ଷତିକାରକ । ସେହିପରି କେତେକ ଖାଦ୍ୟପଦାର୍ଥ ପ୍ୟାକେଟରେ ଲୋ-ଫ୍ୟାଟ ଲେଖାଯାଇଥାଏ । ଅର୍ଥ ଏଥିରେ କଲେଷ୍ଟ୍ରୋଲ ନାହିଁ । କିନ୍ତୁ ଏଥିରେ ଟ୍ରାନ୍ସ ଫ୍ୟାଟ ଓ କ୍ୟାଲୋରି- ଡେନସ ଫ୍ୟାଟ ରହିଥାଏ । ଯାହାକି ଧମନୀକୁ ଅବରୋଧ କରିପାରେ ।

# ଗୃହୀ-ସନ୍ନ୍ୟାସୀ

ଅନେକ ଅନ୍ୟକୁ ପ୍ରତାରିତ କରି ସଂପଦ କମାନ୍ତି । ସେମାନେ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି । ପ୍ରାସାଦରେ ରହନ୍ତି । ମୂଲ୍ୟବାନ ପୋଷାକ ପିନ୍ଧନ୍ତି । ଯାହା ଇଚ୍ଛା କରିପାରନ୍ତି ଏବଂ ପାଇପାରନ୍ତି । ତେବେ, ସେମାନଙ୍କ ହୃଦୟ ଓ ମନ ଅପବିତ୍ର । ତେଣୁ, ସେମଳାନଙ୍କ ପକ୍ଷେ ଭଗବାନଙ୍କ ସାନ୍ନିଧ ଲାଭ ଅସମ୍ଭବ । ମୃତ୍ୟୁ ବେଳେ ସେମାନେ ଭୟଭୀତ ହୁଅନ୍ତି । ତୀବ୍ର ହତାସା ସେମାନଙ୍କୁ ଘାରେ । ଏଭଳି ଜୀବନ ବଂଚିବା ଅପେକ୍ଷା ସ୍ୱଗୃହରେ ସନ୍ୟାସୀଙ୍କ ପରି ବଂଚିବା ଉତ୍ତମ । ନଜକୁ ଆଧ୍ୟାତ୍ମିକ ଗୁରୁମାନଙ୍କ ରଚନା ପାଠରେ ନିୟୋଜିତ କର । ନିଜକୁ ନିୟନ୍ତ୍ରଣ ରଖ । ସର୍ବଦା ସତ୍‌ଚିନ୍ତା କର, ସତସଙ୍ଗରେ ରହ ଏବଂ ମିଥ୍ୟା କହନାହିଁ । ଅନ୍ୟକୁ ସାହାଯ୍ୟ କର । ଜ୍ଞାନ ଦ୍ୱାରା ମନ ଉପରେ ବିଜୟ ହାସଲ କରିପାରିଲେ, ପୂର୍ଣ୍ଣ କୁଟିର ମଧ ଭଗବାନଙ୍କ ପ୍ରସାଦ ପାଲଟିଯିବ । ଘର ବାହାରେ ଗୁଣୀ ଓ ବିଦ୍ୱାନଙ୍କ ଗହଣରେ ରହ । ଭଗବାନ ସର୍ବଶ୍ରେଷ୍ଠ ସଂପଦ ଏବଂ ଏକମାତ୍ର ସତ୍ୟ । ଭଗବାନଙ୍କ ସେବକ ହେବା ଅର୍ଥ ତାଙ୍କୁ ଏବଂ ତାଙ୍କ ସୃଷ୍ଟିକୁ ଭଲ ପାଇବା । ସେ ମିଥ୍ୟା ଏବଂ ଛଳନାକୁ ଘୃଣା କରନ୍ତି । କେବଳ ଭଗବତ୍ ଚିନ୍ତାରେ ନିମଗ୍ନ ରହିଲେ ସକଳ ଦୁଃଖକଷ୍ଟରୁ ମୁକ୍ତି ମିଳେ ।

# କନିଷ୍ଠ ସିଇଓ ତାଲିକାରେ ଦୁଇଭାଇ



© BCCL 2016. ALL RIGHTS RESERVED.

ଖେଳିବା କୁଦିବା ବୟସରେ କୋଟି କୋଟି ଟଙ୍କା ଆୟ କରୁଥିବା କମ୍ପାନୀର ସିଇଓ ହୋଇପାରିଛନ୍ତି ଚେନ୍ନାଇର ଦୁଇ ଭାଇ ଶ୍ରବଣ କୁମାରନ ଓ ସଞ୍ଜୟ କୁମାରନ । ଚେନ୍ନାଇରେ ଜନ୍ମିତ ଏହି ଦୁଇଭାଇ ପିଲାଦିନୁ କମ୍ପ୍ୟୁଟର ଗେମ ଖେଳିବାରେ ଅଧିକ ସମୟ ବିତାଉଥିଲେ । ଏହି ସଉକ ୧୨ବର୍ଷୀୟ ଶ୍ରବଣ ଓ ୧୦ବର୍ଷୀୟ ସଞ୍ଜୟଙ୍କୁ ସଫଳତାର ଶୀର୍ଷରେ ପହଂଚାଇଛି । ଏହି ଦୁଇଭାଇ କେବଳ ଗେମ ଖେଳରେ ରୁଚି ନରଖି ନିଜେ ନୂଆ ଗେମ ତିଆରି କରିବା ପାଇଁ ସ୍ଥିର କଲେ । ଶ୍ରବଣ ଅଷ୍ଟମରେ ଓ ସଞ୍ଜୟ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ଅନେକ ଗୁଡ଼ିଏ ମୋବାଇଲ ଆପ୍ ତିଆରି କରିଥିଲେ । ଭିନ୍ନ କିଛି କରିବା ପାଇଁ କୁମାରନ ଭ୍ରାତା ଏକ କମ୍ପାନୀ ପ୍ରତିଷ୍ଠା କରିବାକୁ ଚିନ୍ତାକଲେ । ତେବେ ବୟସ ହୋଇ ନଥିବାରୁ ସେମାନଙ୍କୁ ରେଜିଷ୍ଟ୍ରେସନ୍ ମିଳି ନଥିଲା । ଉଭୟ ପିତାମାତାଙ୍କ ନାମରେ ଏକ କମ୍ପାନୀ 'ଗୋ ଡାଇମେନସନ' ନାମରେ ରେଜିଷ୍ଟ୍ରେସନ କଲେ । ଏହି କମ୍ପାନୀର ବ୍ୟାନର ତଳେ ଅନେକ ଗୁଡ଼ିଏ ଉଚ୍ଚକୋଟୀର ମୋବାଇଲ ଆପ ତିଆରି କରିବା ସହ ପ୍ରଥମ ଗେମିଙ୍ଗ ଆପ 'କ୍ୟାଚ ମି କପ୍' ଲଞ୍ଚ୍ କଲେ । ଏଥିରେ ଚୋର ଜେଲରୁ ପଳାୟନ କରେ ଓ ତାକୁ ଧରିବାକୁ ପୁରା ପୁଲିସ ଟିମ ଲାଗିଥାଏ । ଏହା ଏତେ ମଜାଦାର ଥିଲା ଯେ ପ୍ରଥମ ସସପ୍ତାହରେ ୨୦୦୦ ଡାଉନଲୋଡ଼ ହୋଇଥିଲା । ଯାହା ଏହି ଦୁଇଭାଇଙ୍କୁ ଉତ୍ସାହିତ କରିଥିଲା । ଏହା ପରଠାରୁ ଉଭୟ ଆଉ ପଛକୁ ଫେରି ଚାହିଁନାହାନ୍ତି । ଗୋ ଡାଇମେନସନ କମ୍ପାନୀ ବ୍ୟାନରରେ ୧୦ରୁ ଅଧିକ ଆପ ଲଂଚ୍ କରିଛନ୍ତି ଭାଇଆଲଫାବେଟ କି ବୋର୍ଡ଼ର ଓ କଲର ପ୍ୟାଲେଟ ଭଳି ଦୁଇଟି ଶିକ୍ଷଣୀୟ ଆପ ମଧ୍ୟ ପ୍ରସ୍ତୁତ କରି ଏହାର ମାର୍କେଟିଂ ମଧ୍ୟ କଲେ । ଏମାନେ ଏବେ କମ୍ପାନୀ ପରିଚାଳନା କରୁଥିବା ସବୁଠାରୁ କମ ବୟସର ଡାଇରେକ୍ଟର ତାଲିକାରେ ରହିଛନ୍ତି । ବର୍ତ୍ତମାନ ଶ୍ରବଣଙ୍କ ବୟସ ୧୬ ଓ ସଞ୍ଜୟଙ୍କର ୧୪ । ତାଙ୍କ ଆପର ପ୍ରତ୍ୟେକ କ୍ଲିକରେ ତାଙ୍କୁ ୦.୦୭ ଡଲାର ଆୟ ହୋଇଥାଏ । ଏମାନଙ୍କ କମ୍ପାନୀ ଭାରତ ସମେତ ଚୀନ ଓ ଆମେରିକାର କମ୍ପାନୀଙ୍କ ସହ ମଧ୍ୟ କଂଟ୍ରାକ୍ଟ କରିଛି । କୁମାରନ ଭାଇ ପ୍ରମାଣିତ କରିଛନ୍ତି ଯେ ସଫଳତା ପାଇଁ ବୟସର ସୀମା ନାହିଁ । ନିଷ୍ଠା, ଧୈର୍ଯ୍ୟ ଓ କଠିନ ପରିଶ୍ରମ ଯେକୌଣସି ବ୍ୟକ୍ତିକୁ ସଫଳ କରିପାରେ ।



# ଗ୍ଲାମରସ ଫେସ୍ ପାଇଁ....





- ମୁଲତାନୀ ମାଟିରେ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାଇଲେ ଚେହେରାରେ ଚମକ ଆସିଥାଏ ।

- କଂଚା କ୍ଷୀର ତ୍ୱଚା ପାଇଁ ବହୁତ ଭଲ । ଦୁଇ ଚାମଚ କଂଚା କ୍ଷୀର ନେଇ ମୁହଁରେ ଲଗାନ୍ତୁ । କ୍ଷୀର ଶୁଖିଗଲା ପରେ ଖାଇବା ଲୁଣ ନେଇ ମୁହଁରେ ଧୀରେଧୀରେ ମାଲିସ କରନ୍ତୁ । ଏପରି କରିବା ଦ୍ୱାରା ମୃତ ତ୍ୱଚାର ବାହାରିଯାଏ ଏବଂ ଚେହେରା ସୁନ୍ଦର ଦେଖାଯାଏ ।

ବେସନ, ହଳଦୀ, ଲେମ୍ବୁ, ଦହି ଓ ଗୋଲାପ ଜଳ ମିଶାଇ ଲେପ ତିଆରି କରି ଚେହେରାରେ ଲଗାନ୍ତୁ । ସପ୍ତାହକୁ ଥରେ ଏହି ଲେପକୁ ଲଗାଇଲେ ତ୍ୱଚାରେ ଚମକ ଆସିଥାଏ ।

- ନିମ୍ବ ତ୍ୱଚାକୁ ରୋଗ ପ୍ରତିରୋଧକ ଶକ୍ତି ଦେଇଥାଏ । ନିମ୍ବକୁ ଚେହେରାରେ ଲଗାଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ ।

-କଦଳୀ ଚେହେରାରୁ କୁଂଚନ ଦୂରକରିବାରେ ସାହାଯ୍ୟ କରେ । ପାଚିଲା କଦଳୀକୁ ଚେହେରାରେ ଲଗାଇ ଅଧାଘଂଟା ପରେ ମୁହଁ ଧୋଇ ଦିଅନ୍ତୁ । ନିୟମିତ ରୂପେ ଆପଣ କଦଳୀକୁ ଚେହେରା ପାଇଁ ବ୍ୟବହାର କଲେ ଜାଣିପାରିବେ କଦଳୀ କେତେ ଦରକାରୀ ।

# ବ୍ରତ-ଉପବାସର ଉପାଦେୟତା




ହିନ୍ଦୁ ଧର୍ମର ପ୍ରମୁଖ ବିଶେଷତ୍ୱ ହେଉଛି ପର୍ବପର୍ବାଣିରେ ଉପବାସ-ବ୍ରତ ପାଳନ କରିବା । କାହିଁ କେଉଁ କାଳରୁ ଭାରତୀୟ ପରମ୍ପରାରେ ଏସବୁ ପାଳିତ ହୋଇ ଆସୁଛି । ବିଦେଶୀ ରାଷ୍ଟ୍ରର ଲୋକେ ଭାରତର ଏହି ନିୟମକୁ ଅନେକ ବର୍ଷ ପରେ ଗ୍ରହଣ କରିଛନ୍ତି । ଆମେରିକୀୟ ବିଶେଷଜ୍ଞଙ୍କ ମତରେ ବ୍ରତ ଉପବାସ ପାଳନ କରିବା ଶରୀର ପାଇଁ ଖୁବ୍ ଆବଶ୍ୟକ । ପରୀକ୍ଷାରୁ ଜଣାପଡ଼ିଛି ଯେ ଉପବାସ ରହିଲେ ପାଚନ ତନ୍ତ୍ରକୁ କିଛି ସମୟ ଆରାମ ମିଳେ । ଅମ୍ଳ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ । ଅରୁଚି, ମୁଣ୍ଡବିନ୍ଧା, ଅମ୍ଳ, ଜ୍ୱର, ଅଜୀର୍ଣ୍ଣ, ମୋଟାପଣ ଆଦି ରୋଗରୁ ଉପବାସ କଲେ ରକ୍ଷା ମିଳେ । ଭାରତୀୟ ପଣ୍ଡିତଙ୍କ ମତରେ ବ୍ରତ-ଉପବାସ କରିବା ଦିନ ମନରେ ହିଂସାଭକାବ ଆଣିବା ଅନୁଚିତ । ଏହିଦିନ ମିଛ ନକହି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦେବା ପ୍ରାର୍ଥନା କରିବା ଭଲ । ଉପବାସରେ ଦିନବେଳା ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମାସକୁ ଅନ୍ତତଃ ଥରୁଟିଏ ଉପବାସ କରିବା ଉଚିତ ।

ଭାରତୀୟ ପରମ୍ପରାରେ ପ୍ରତ୍ୟେହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ବିବେଚନା କରାଯାଏ । କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି । ଆୟୁର୍ବେଦ ଉପଚାରରେ ସ୍ନାନର ବିଭିନ୍ନ ନୀତିନିୟମ ତଥା ବିଧି ଉଲ୍ଲେଖ ରହିଛି । ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର ହୋଇଥାଏ । ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ ଭାରତୀୟମାନେ ସକାଳେ ସ୍ନାନ କରିବା କାରଣର ଅବସାଦ ରୋଗ ସେମାନଙ୍କୁ




ଆକ୍ରାନ୍ତ କରିନଥାଏ । ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀର ଜୀବାଣୁମାନ ନଷ୍ଟ ହୋଇଥାନ୍ତି । ଛାତ୍ରଛାତ୍ରୀମାନେ ଉଷୁମ ପାଣିରେ ସ୍ନାନ କରିବା ଅନୁଚିତ । ଏହା ସେମାନଙ୍କ ସବାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଅତ୍ୟଧିକ ପରିଶ୍ରମୀମାନେ ନଖ ଉଷୁମ ପାଣିରେ ସ୍ନାନ କରିବା ଉପକାରୀ ।

# ଏଠି କେହି ହୁଅନ୍ତି ନାହିଁ ବୁଢ଼ା କି ବୁଢ଼ୀ

ପରମ୍ପରା ଓ ଅନ୍ଧବିଶ୍ୱାସ ନାମରେ ଭାରତରେ ଆଜିବି ଅନେକ ଅଜବ ପ୍ରକାରର ଘଟଣା ଦେଖିବାକୁ ମିଳେ । ଯାହାକୁ ସହଜରେ ବିଶ୍ୱାସ କରିବା ମୁସ୍କିଲ । ତାମିଲନାଡୁରେ ଏପରି ଏକ ଜାଗା ଅଛି ଯେଉଁଠାରେ ପରମ୍ପରା ନାମରେ ଘରର କୌଣସି ସଦସ୍ୟ ବୁଢ଼ା କିମ୍ବା ବୁଢ଼ୀ ହେଲେ ତାଙ୍କୁ ହତ୍ୟା କରାଯାଏ । ଆଉ ହତ୍ୟା କରୁଥିବା ବ୍ୟକ୍ତି ଅନ୍ୟ କେହି ନୁହଁନ୍ତି ବରଂ ସେହି ପରିବାରର ସଦସ୍ୟମାନେ ।

ତାମିଲନାଡୁର ଠଲାଇକୁଠନ ନାମକ ଏହି ଭୟାନକ କୁପ୍ରଥା ଅନୁଯାୟୀ ପରିବାର ସଦସ୍ୟମାନେ ନିଜ ପରିବାରର ବୟସ୍କଙ୍କୁ ହତ୍ୟା କରିଛନ୍ତି । ଏହି ଅବସରରେ ଗ୍ରାମର ଅନ୍ୟ ଲୋକଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳେ । ତାମିଲନାଡୁର ଦକ୍ଷିଣାଂଚଳ ଜିଲାମାନଙ୍କରେ ଏହି ଘଟଣା ଆଜିବି ଦେଖାଯାଉଛି । ଯେଉଁ କାରଣରୁ ଏହିସବୁ ଅଂଚଳରେ ବୁଢ଼ା ବୁଢ଼ୀଙ୍କୁ ଦେଖିବାକୁ ମିଳେନାହିଁ । ବୟସ୍କଙ୍କୁ ହତ୍ୟା କରି ଅନ୍ତିମ ସତ୍କାର କରିବା ଏଠାରେ ଏକ ସମ୍ମାନଜନକ ପଦକ୍ଷେପ ବୋଲି ଗ୍ରହଣ କରାଯାଏ । ସବୁଠାରୁ ବିଚିତ୍ର ବିଷୟ ହେଉଛି ଏହି ବୟସ୍କମାନେ ନିଜକୁ ହତ୍ୟା କରିବା ପାଇଁ ପରିବାର ସଦସ୍ୟଙ୍କୁ ଅନୁରୋଧ କରିଥାନ୍ତି । ତେବେ ଯେପରି ପୁଲିସ ଏହି ଘଟଣାର ସୁରାକ ନପାଇବ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଏ । ବିଶେଷ କରି ବୟସ୍କଙ୍କୁ ମାରିବା ପାଇଁ ଥଣ୍ଡା ପାଣିର ବ୍ୟବହାର କରାଯାଏ । ଏହାଦ୍ୱାରା ସେମାନଙ୍କୁ ହୃଦଘାତ ହୋଇଥାଏ ବୋଲି କୁହାଯାଏ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ଅକ୍ଟୋବର ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି...

ଏକ ଦେଶର ଅର୍ଥନୀତି ସାମ୍ପ୍ରତିକ ସମୟରେ କେବଳ ସେହି ଦେଶର ଆଭ୍ୟନ୍ତରୀଣ ଆର୍ଥିକ କାରବାର ସମୂହକୁ ଅନ୍ତର୍ଭୁକ୍ତ କରି ନଥାଏ, ଏହା ମଧ୍ୟ ବିଶ୍ୱ ବଜାର ଉପରେ ନିର୍ଭର କରିଥାଏ ଅନେକ ପରିମାଣରେ, ଯଦିଓ ଆଭ୍ୟନ୍ତରୀଣ ବ୍ୟବସ୍ଥା ସମୂହ ଏହାର ଅଭିବୃଦ୍ଧିର ହାର ଉପରେ ସେତେଟେ ପ୍ରତିକୂଳ ପ୍ରଭାବ ପକାଇନଥାଏ। ଏମିତି କିଛି ସ୍ଥିତି ବର୍ତ୍ତମାନ ଦେଖାଦେଇଛି ଭାରତୀୟ ଅର୍ଥନୀତି କ୍ଷେତ୍ରରେ- ବିଶ୍ୱ ଅର୍ଥନୀତି ଉତ୍‌ଥାନ ପତନ ଭିତର ଦେଇ ଗତି କରୁଥିବାବେଳେ ଭାରତୀୟ ଅର୍ଥନୀତି ତନ୍ୟକତାକୁ ବଜାୟ ରଖିଛି, ଅର୍ଥାତ ସେହି ଅନୁସାରେ ଉତ୍‌ଥାନ ପତନକୁ ସହି ଚାଲିଛି। ତଥ୍ୟ ଦର୍ଶାଉଛି ଯେ ଜୁନ୍ ୨୦୨୨ରୁ ଫେବୃଆରୀ ୨୦୨୩ ମଧ୍ୟରେ ନୀତିଗତ ସୁଧ ହାରରେ ୨.୫ ପ୍ରତିଶତର ବୃଦ୍ଧି ଘଟାଯିବା ବ୍ୟାଙ୍କମାନଙ୍କ ଦ୍ୱାରା ସଂଚାରିତ ହୋଇନାହିଁ। ଇତ୍ୟବସରରେ କେନ୍ଦ୍ରୀୟ ମୁଦ୍ରାସ୍ଫୀତି କମୁଛି, ଯେତେବେଳେ କି ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି ଏବଂ ସାମଗ୍ରିକ ମୁଦ୍ରାସ୍ଫୀତି କମୁଛି, ଯେତେବେଳେ କି ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି ଏବଂ ସାମଗ୍ରିକ ମୁଦ୍ରାସ୍ଫୀତି କମୁଛି, ଯେତେବେଳେ କି ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି ଏବଂ ସାମଗ୍ରିକ ମୁଦ୍ରାସ୍ଫୀତି ଭାରତର କେନ୍ଦ୍ରୀୟ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କର ସର୍ବାଧିକ ସହିଷ୍ଣୁତା ସୀମାର ଢ଼େର ଉପରେ ରହିଛି। ଆଉ ଆଗାମୀ ମାସ ଗୁଡ଼ିକରେ ଉଭୟ ଖାଦ୍ୟ ଏବଂ ଜାଳେଣି ମୂଲ୍ୟରେ ଅସ୍ଥିରତା ଦେଖାଯିବ। ଏହି କାରଣୁ ହିଁ ଆରବିଆଇର ଆର୍ଥିକ ନୀତି କମିଟି ନୀତିଗତ ସୁଧ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବା ସହିତ ସୁହାଇବା ଭଳି ପରିବେଶର ପ୍ରତ୍ୟାହାର ଉପରେ ଏହାର ନୀତିକୁ ବଜାୟ ରଖିଛି। ଏହା ହେଉଛି ଲଗାତାର ଚତୁର୍ଥ ଥର ଆରବିଆଇ ନେଇଥିବା ସମାନ ଧରଣର ପଦକ୍ଷେପ ବା ଆର୍ଥିକ ନୀତି ସମୀକ୍ଷାରେ ନିଆଯାଇଥିବା ଚତୁର୍ଥ ଥର ପାଇଁ ନିଷ୍ପତ୍ତି, ଯେଉଁଥିରେ ସୁଧ ହାରକୁ ଅପରିବର୍ତ୍ତିତ ରଖାଯାଇଛି। କିନ୍ତୁ ଏହା ପଛର ଉଦ୍ଦେଶ୍ୟଗୁଡ଼ିକ ଅଧ୍ୟୟନ କଲେ ଏକଥା ସ୍ପଷ୍ଟ ହୋଇଥାଏ ଯେ ଆରବିଆଇ ଅର୍ଥନୀତିକ ଅଭିବୃଦ୍ଧି ବିଷୟରେ ଯେତିକି ଚିନ୍ତିତ ନୁହେଁ, ତା'ଠୁ ବେଶୀ ଚିନ୍ତିତ ମୁଦ୍ରାସ୍ଫୀତି ବିଷୟରେ। ଏହା ନିଜର ଦ୍ୱିତୀୟ ତ୍ରୈମାସିକର ଖୁଚୁରା ମୁଦ୍ରାସ୍ଫୀତି ଆକଳନକୁ ୬.୨ ପ୍ରତିଶତରୁ ୬.୪ ପ୍ରତିଶତକୁ ବୃଦ୍ଧି କରିଛି, ଯଦିଓ ସମୁଦାୟ ବର୍ଷକ ପାଇଁ ଏହା ମୁଦ୍ରାସ୍ଫୀତି ପାଇଁ ନିଜର ଭବିଷ୍ୟବାଣୀକୁ ୫.୪ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହା ଆଶା କରୁଛି ଯେ ତୃତୀୟ ତ୍ରୈମାସିକୀର ମୁଦ୍ରାସ୍ଫୀତି ପୂର୍ବରୁ ଆକଳନ କରାଯାଇଥିବା ୫.୭ ପ୍ରତିଶତରୁ ୫.୬ ପ୍ରତିଶତକୁ ଖସିଆସିବ ଏବଂ ଚତୁର୍ଥ ତ୍ରୈମାସିକୀର ମୁଦ୍ରାସ୍ଫୀତିକୁ ୫.୨ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଶେଷରେ ଏହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୁଦ୍ରାସ୍ଫୀତି ୫.୨ ପ୍ରତିଶତ ରହିବ ବୋଲି ଭବିଷ୍ୟବାଣୀ କରିଛି।

ଦ୍ୱିତୀୟ ତ୍ରୈମାସିକୀ ପାଇଁ ମୁଦ୍ରାସ୍ଫୀତି ବିଷୟରେ ଆରବିଆଇର ଭବିଷ୍ୟବାଣୀ ଅଗଷ୍ଟ ମାସର ଉତ୍ତରାର୍ଦ୍ଧରେ ଏଲପିଜି ସିଲିଣ୍ଡରର ମୂଲ୍ୟରେ କରାଯାଇଥିବା ହ୍ରାସକୁ ପ୍ରତିଫଳନ କରିବ ଏବଂ ଏହାର ଅର୍ଥ ହେଉଛି, ସେପ୍ଟେମ୍ବର ମାସର ମୁଦ୍ରାସ୍ଫୀତି, ଯାହା ଆସନ୍ତା ମାସରେ ପ୍ରକାଶିତ ହେବାକୁ ଯାଉଛି, ତାହା ଆପାତତଃ ନିଶ୍ଚିତ ଭାବରେ ପୂର୍ବ ମାସର ୬.୮ ପ୍ରତିଶତରେ ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବାକୁ ଦର୍ଶାଇବ। ଏ ସବୁଯାକ ଆକଳନ ମୋଟାମୋଟି ୨୦୨୪-୨୫ ବେଳକୁ ଆରବିଆଇର ଲକ୍ଷ୍ୟ ହାସଲ ହୋଇ ପାରିବା ଦର୍ଶାଇ ଥାଏ। ସେ ଯାହାହେଉ, ସାଧାରଣ ଲୋକଙ୍କପାଇଁ ସବୁଠୁ ବେଶୀ ଗୁରୁତ୍ୱ ରଖେ ଖାଦ୍ୟ ମୁଦ୍ରାସ୍ଫୀତି, ଆଉ ଏହା ଏବେ ବି ଦୁଇ ଅଙ୍କବିଶିଷ୍ଟ ସଂଖ୍ୟାରେ ରହିଛି। କେବଳ ଏତିକି ନୁହେଁ, ଚଳିତ ମୌସୁମୀ ଋତୁରେ ଦେଶର ଅନେକ ଅଂଚଳରେ ସ୍ୱାଭାବିକଠାରୁ କମ୍ ପରିମାଣରେ ବର୍ଷା ଯୋଗୁଁ ତଥା ତୈଳବୀଜ ଏବଂ ଡାଲିଜାତୀୟ ଫସଲଗୁଡ଼ିକର ଚାଷରେ ମାନ୍ଦାବସ୍ଥା ଦେଖା ଦେଇଥିବାରୁ ଆଗାମୀ ସମୟରେ ଏହା ଆହୁରି ବଢ଼ିବାର ସମ୍ଭାବନା ରହିଛି। ଭାରତ ପୃଥିବୀର ପଂଚମ ବୃହତ୍ତମ ଅର୍ଥନୀତି ଭାବରେ ଉଭା ହୋଇଥିଲେ ସୁଦ୍ଧା ଦେଶର ଜଣେ ବ୍ୟକ୍ତିଙ୍କ ପିଛା ହାରାହାରି ଆୟର ପରିମାଣ ତଥାପି ସବୁଠୁ କମ୍ ରହିଛି। ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ଏତାର ପରିମାଣ ବାର୍ଷିକ ୯୮,୩୭୪ ଟଙ୍କା, ଯାହାକୁ ମାସିକ ଭାବରେ ହିସାବ କଲେ ଏହାର ପରିମାଣ ହେଉଛି ୮,୧୯୭ ଟଙ୍କା।୧ ଏଭଳି କମ୍ ପରିମାଣର ଆୟ ସହିତ ଭାରତୀୟ ପରିବାରଗୁଡ଼ିକ ସେମାନଙ୍କର ପାରିବାରିକ ଆୟର ଏକ ସିଂହଭାଗ ଖାଦ୍ୟ ସାମଗ୍ରୀ କିଣିବା ବାବଦରେ ଖର୍ଚ୍ଚ କରିଥାନ୍ତି। ତେଣୁ ଆରବିଆଇ ଯେତେବେଳେ କହିଛି ଯେ ମୁଦ୍ରାସ୍ଫୀତି ସହିତ ଲଢ଼େଇ କରି ନିକଟ ଭବିଷ୍ୟତରେ ଏହାକୁ ନିୟନ୍ତ୍ରଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ, ସେଥିପାଇଁ ଏହା ପ୍ରଶଂସାର ପାତ୍ର ଅବଶ୍ୟ।

## ମାନସିକ ସ୍ୱାସ୍ଥ୍ୟ ହେଉଛି ସାର୍ବଜନୀନ ମାନବ ଅଧିକାର

### ଡାକ୍ତର ସମ୍ରାଟ କର

*ଆଜିକାଲି ବାପା, ମାଆ ଓ ପିଲାମାନେ ଗୋଟିଏ ଛାତତଳେ ରହି ଭାବର ଆଦାନପ୍ରଦାନ କମ୍ କରୁନାହାଁନ୍ତି କାରଣ ଏହା ପଛରେ ଅନ୍‌ଲାଇନ ପାଠପଢ଼ାର କାରଣ ରହିଛି। କେତେକ ପିଲାମାନଙ୍କ ଉପରେ ଇ[ରନେଟ୍ ଓ ସୋସିଆଲ ମିଡିଆର ପ୍ରଭାବ ଯୋଗୁ ମାନସିକ ସମସ୍ୟା ବଢ଼ି ବଢ଼ି ଯାଉଛି। ଯୁବାବସ୍ଥାରେ ବିଭିନ୍ନ ମାନସିକ ସମସ୍ୟାର ଲକ୍ଷଣ ହେଉଛି - ବ୍ୟବହାରରେ ପରିବ ର୍ନ, ମନଦୁଃଖ ରହିବା, ଭୟ କରିବା, ବିନା କାରଣରେ ସନ୍ଦେହ କରିବା, ଚିଡ଼ଚିଡ଼ା ହେବା, ରାଗିବା, ଏକଲା ରହିବା, ଆତ୍ମହତ୍ୟା କରିବାକୁ ଭାବିବା, ନିଶାସେବନ ଓ ଯୋଗ୍ୟତା ଥାଇ ପରୀକ୍ଷାରେ ଖରାପ କରିବା। ମାନସିକ ସମସ୍ୟାକୁ ଡର, ଭୟ ଓ ଲାଜ କରନ୍ତୁନାହିଁ। ଗ୍ରହ ନକ୍ଷତ୍ର ଓ ଭୂତପ୍ରେତର ପ୍ରଭାବ ଭାବି ମାନସିକ ରୋଗ ଚିକିତ୍ସକଙ୍କ ସାହାଯ୍ୟ ନେବାରେ ଡେରି କରନ୍ତୁ ନାହିଁ।*

ଆନ୍ତର୍ଜାତୀୟ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି। ଏହା ଅକ୍ଟୋବର ୧୦ ତାରିଖରେ ପାଳିତ ହୋଇଥାଏ। ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି 'ମେଣ୍ଟାଲ ହେଲଥ୍ ଇଜ ଏ ୟୁନିଭର୍ସିଆଲ ହ୍ୟୁମାନ ରାଇଟ' - (ମାନସିକ ସ୍ୱାସ୍ଥ୍ୟ ହେଉଛି ସାର୍ବଜନୀନ ମାନବ ଅଧିକାର) ।୧୯୯୨ରେ ପ୍ରଥମର ଥର ପାଇଁ ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ଏକ ଆକଳନ ଅନୁସାରେ ବିଶ୍ୱ ଜନ ସମୁଦାୟର ୧୨ ପ୍ରତିଶତ ବା ୪୫୦ ମିଲିୟନ ଲୋକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ଜଡ଼ିତ । ମାନସିକ ଅବସାଦର ପ୍ରାୟ ୧୫୪ ମିଲିୟନ ଜନତା ଆକ୍ରାନ୍ତ ଯାହା ଏହି ରୋଗର ଏକ ଅବସ୍ଥା । ୨୦୦୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରୋକ୍ତ ତଥ୍ୟ ଦର୍ଶାଇଥିଲେ । 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି ।

ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି । ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ର ର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ । କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି । କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ଆବଶ୍ୟକ ହୋଇଥାଏ । ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ । ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ ମାନସିକ ଭାରସମ୍ୟ ହରାଇଥାଏ ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ । ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକକୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ । ତେବେ ନିୟମିତ ଔଷଧ ନଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ । ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ ରୋଗୀଟି ଔଷଧ ଖାଇ ପାରିବ । ଆଉ ଗୋଟିଏ କଥା ହେଉଛି ତାହା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ । ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ । ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇବା ଉଚିତ । ମାନସିକ ରୋଗୀ ନିଜେ ବା ତା ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି । ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହି ପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଟେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।


ମାନସିକ ରୋଗ ବିଶେଷଜ୍ଞ,
ପୁରୀଘାଟ ରୋଡ, କଟକ,
ମୋ : ୯୧୩୨୪୩୩୩୩୩


## କନ୍ୟା ପାଇଁ ବୃକ୍ଷରୋପଣ

### ଜୟନ୍ତୀ ପଣ୍ଡା



ଦିନକୁ ଦିନ ଶିଶୁ କନ୍ୟାଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ବଢ଼ି ବଢ଼ି ଚାଲିଛି। ସରକାରୀ ଆଇନ ପ୍ରଣୟନ ତଥା ସଚେତନତା ବଢୁଥିଲେ ମଧ ସମାନ ପରିମାଣରେ ଏହି ଦୁଃଖଦ ଚିତ୍ର କିନ୍ତୁ କମିବାରେ ଲାଗୁନି। କନ୍ୟା ଭ୍ରୂଣ ହତ୍ୟା ରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁ କନ୍ୟାଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ଆଇନଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୋଧରେ ଦେଖା ଦେଉଥିବା ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟ ବିବାହ ପ୍ରଥା ରୋକିବା ଆଦି ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ଆନ୍ତର୍ଜାତିକ କନ୍ୟା ଶିଶୁ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱରେ କନ୍ୟା ଶିଶୁଙ୍କ ପ୍ରତି ଦେଖା ଦେଇଥିବା ଅନ୍ୟାୟ ଓ ଅତ୍ୟାଚାର ରୋକିବା ଉଦ୍ଦେଶ୍ୟରେ କେତେକ ସାମାଜିକ ସଂଗଠନ ଏବଂ ସଦସ୍ୟ ରାଷ୍ଟ୍ରଙ୍କ ପ୍ରସ୍ତାବକ୍ରମେ ୨୦୧୨ ଅକ୍ଟୋବର ୧୧ ତାରିଖରେ ମିଳିତ ଜାତିସଂଘ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା । ଏହି ଦିବସ ପାଳନ ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଲିଙ୍ଗଗତ ବୈଷମ୍ୟ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ । କେବଳ ସରକାର ନୁହେଁ ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରୀ। ତାହାଲେ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହୁଅନ୍ତା।

ସାରା ଭାରତବର୍ଷରେ କନ୍ୟ ଭ୍ରୂଣହତ୍ୟା ଏକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି । ଏହି କାରଣରୁ ଦେଶରେ ପୁରୁଷ ତୁଳନାରେ ନାରୀଙ୍କ ଅନୁପାତ ହ୍ରାସ ପାଉଛି । ଗଣମାଧମରେ ଏକ ଛୋଟିଆ ଖବର ସହୃଦୟ ପାଠକ ମାନଙ୍କୁ ହୁଏତ ସେମାନଙ୍କ ନଜରକୁ ନେଇପାରିନାହିଁ। ତେବେ ରାଜସ୍ଥାନର ଗୋଟିଏ ଗାଁ କନ୍ୟା ସନ୍ତାନ ପ୍ରତି ଯେଉଁ ସମ୍ବେଦନଶୀଳତା ଓ ସମ୍ମାନ ଦେଖାଇଛି, ତାହା ସଭିଙ୍କ ପାଇଁ ଉଦାହରଣ ପାଲଟିଛି । ରାଜସମନ୍ଦ ଜିଲ୍ଲାରେ ଅବସ୍ଥିତ ଏହି ଗାଁର ନା ପିପଲାଂତ୍ରି । କେବଳ କନ୍ୟା ସନ୍ତାନର ସୁରକ୍ଷା ନୁହେଁ, ସେମାନଙ୍କ ପାଇଁ ଗାଁକୁ ସବୁଜ ସୁନ୍ଦର କରିବାକୁ ପଣ କରିଛନ୍ତି ସେଠାକାର ଗ୍ରାମବାସୀ । ପିପଲାଂତ୍ରିରେ ପୂର୍ବରୁ ସରପଞ୍ଚ ଥିବା ଶ୍ୟାମସୁନ୍ଦର ପାଲିୱାଲଙ୍କ ପ୍ରାରମ୍ଭିକ ପ୍ରଚେଷ୍ଟା ଏବେ ଫଳବତୀ ହୋଇଛି । ନିଜ ଝିଅର ମୃତ୍ୟୁପରେ ସେ ତାର ସ୍ମୃତିରେ ବୃକ୍ଷରୋପଣ ଆରମ୍ଭ କରିଥିଲେ । ପରେ ଅନ୍ୟମାନେ ତାଙ୍କୁ ଅନୁସରଣ କଲେ ଓ ବିଭିନ୍ନ ବାଟରେ ବୃକ୍ଷରୋପଣ କରିବାକୁ ଲାଗିଲେ । ଗାଁରେ ଯାହାଘରେ ବି କନ୍ୟା ସନ୍ତାନଟିଏ ଜନ୍ମ ନେଉ, ଗ୍ରାମବାସୀ ସଭିଏଁ ମିଶି ୧୧୧ଟି ଚାରା ରୋପଣ କରିଥାନ୍ତି । ସେଗୁଡ଼ିକ କେମିତି ବଡ଼ ହୋଇ ଗଛ ପାଲଟିବେ, ସେଥିପାଇଁ ମଧ ସବୁପ୍ରକାରର ଯତ୍ନ ନିଅନ୍ତି । କନ୍ୟା ସନ୍ତାନ ପ୍ରତି ଆପଣାର ଭାବ ସେଠାରେ ଏକ ଭିନ୍ନ ପ୍ରକାରର ପରିବେଶ ଓ ପ୍ରକୃତିକୁ ମଧ ଜନ୍ମ ଦେଇଛି ଏବଂ ପରିବେଶ ସୁରକ୍ଷାର ଏକ ନିଆରା ଅଭିଯାନ ସୃଷ୍ଟି ହୋଇଛି । ଏହି କାରଣରୁ ଗତ ୬ ବର୍ଷ ଭିତରେ ଉକ୍ତ ଅଞ୍ଚଳରେ ଅଢ଼େଇ ଲକ୍ଷରୁ ଅଧିକ ଗଛ ଲଗାଯାଇସାରିଛି । ଏହି ଗାଁକୁ ଦେଖାଦେଖି ଆଖପାଖ ଗାଁର ଲୋକେ ବି ଏବେ ଅନୁପ୍ରାଣିତ ହେଲେଣି । କନ୍ୟା ସନ୍ତାନ ପ୍ରତି ସେମାନଙ୍କ ଦୃଷ୍ଟିକୋଣ ମଧ ବଦଳିବାରେ ଲାଗିଛି ଓ ସେମାନେ ବି ଏବେ ବୃକ୍ଷରୋପଣ କରିବା ଆରମ୍ଭ କରିଛନ୍ତି । କେବଳ ଏତିକି ନୁହେଁ, ପିପଲାଂତ୍ରି ଗାଁର ପ୍ରତ୍ୟେକ ବାପାମାଆଙ୍କୁ ଏକ ଶପଥପତ୍ରରେ ଦସ୍ତଖତ କରି ଶପଥ କରିବାକୁ ପଡ଼ିଥାଏ ଯେ ଝିଅର ବିବାହ ଆଇନଗତ ବୟସ ପୂର୍ବରୁ ଆଦୌ କରିବେ ନାହିଁ; ସେମାନଙ୍କୁ ନିୟମିତ ସ୍କୁଲ ପଠାଇବେ ଓ ତାଙ୍କ ନାଁରେ ଲଗାଯାଇଥିବା ଗଛ ଗୁଡ଼ିକର ଯତ୍ନ ନେବେ । ଏହି ଶପଥର ପ୍ରତିଦାନରେ ଗ୍ରାମବାସୀ ବି ସଂପୃକ୍ତ ପରିବାରକୁ ନିଜ ପକ୍ଷରୁ ୨୧,୦୦୦ ଟଙ୍କା ଠୁଳ କରି ଝିଅଟି ନାଁରେ ବ୍ୟାଙ୍କରେ ରଖି ଦିଅନ୍ତି ୨୦ ବର୍ଷ ପାଇଁ । ଭବିଷ୍ୟତରେ ତାହା ତାର କାମରେ ଆସିବ । ଆମ ଦେଶରେ ପ୍ରତି ହଜାରେ ପୁରୁଷରେ ୯୧୪ ଜଣ ମହିଳା ସ୍ତରକୁ ଆସିବାର କାରଣ ଭ୍ରୂଣହତ୍ୟାକୁ ରୋକିବା ନିହାତି ଜରୁରୀ ହୋଇପଡ଼ିଛି । ଏ କ୍ଷେତ୍ରରେ ପିପଲାଂତ୍ରି ଗାଁର ଲୋକେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ସବୁ ଗାଁ ଓ ସହରର ଲୋକେ ଏମିତି କରନ୍ତେ କି ?


ଫରିଦାବାଦ, ହରିୟାନା


## କବିତା କୋଣାର୍କ

### ଭୋକର ଭୂଗୋଳ

#### ଧ୍ରୁବ ଚରଣ ବେହେରା

ଜୀବନଟା ଏଠି ପଶା ପାଲି ପରି
ଖେଳୁ ଖେଳୁ ଗଲି ହାରି
ଦରିଦ୍ରତା ଦେଲା ଏମିତି କଷଣ
ଶୁଣିବ କିଏ ଗୁହାରୀ ?
ଶିକ୍ଷା ତ ମୋ ପାଇଁ ହୋଇଲା ସପନ
ଦୂରେ ଦେଲା ମୋତେ ଫିଙ୍ଗି
ଭୋକ ବିକଳରେ ବୁଲେ ଖରା ତରା
ଭାଗ୍ୟ ଲାଗେ ବହୁ ରଙ୍ଗୀ ।
ସମାଜଠୁ ହେଲି ଶହେ କୋଷ ଦୂର
ପିତା ମାତା ଭୁଲ୍ ନେଇ
ପଢିବା ବେଳରେ ଗୋଟାଏ ବୋତଲ
ପେଟ ଚାଖଣ୍ଡକ ପାଇଁ ।
ଆଖି ଲୁହ କେବେ ଓଠ ପିଉଥାଏ
ବହେ ଦୁଃଖ ବନ୍ୟା ହୋଇ
ସମାଜ ପାଖରେ କରୁଛି ମିନତି
ସାହାର୍ଯ୍ୟର ଆଶା ନେଇ ।
ଖୋଲା ଆକାଶର ଗଛ ତଳେ ବିତେ
ଅସରା ଜୀବନ ମୋର
ଭୋକର ଭୂଗୋଳ ପଢୁଅଛି ନିତି
ଭାଗ୍ୟ ଖେଳେ ଦୁଃଖ ଖେଳ ।
ସମୟ ସୁଅରେ ମଣିଷ ଜୀବନ
ଏମିତି କି କଟିଯିବ
ଆଧୁନିକ ଆଜି ଏ ସଭ୍ୟ ସମାଜ
ସେବାର କି ନାମ ଦେବ ? ।
ପ୍ରକୃତି କୋଳରେ ବିଧାତାର ସୃଷ୍ଟି
ବିଚିତ୍ର ଲାଗଇ ଆଜି
କିଏ ଶୋଇଯାଏ ଗୋଲାପ ଶେଯରେ
ଗରିବରେ ଯାଏ ଭାଜି ।
ସମାଜ କୁ କୁହେ ନେହୁର ହୋଇ ମୁଁ
ଫେରିବ କି ମୋର ଭାଗ୍ୟ
ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ
ପାଇବି କି ସେ ସୁଯୋଗ ।
ସାମ୍ୟତା ଫେରିବ ଧରଣୀ ପୃଷ୍ଠରେ
ନ ରହିବ ବଡ ସାନ
ଦରିଦ୍ରତା ହେବ ସମାଜରୁ ଲୋପ
ଏହି ଆମ ସମ୍ବିଧାନ ।
ଆଗେଇବା ଆସ ପ୍ରତି ପାଦେ ପାଦେ
ସାହାର୍ଯ୍ୟ ହାତ ବଢାଇ
ହସିବ ଦୁନିଆ ହସିବ ଭାରତ
ଏହି ମୋ ଜନମ ଭୂଇଁ ।


+ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


### ଦୁଇଟି ମିନି କବିତା

#### ବର୍ଷାରାଣୀ ମହାମଲ୍ଲିକ



॥ କୁକୁର ॥

ମୋ ଜନ୍ମ ପାଇଁ,
ମୁଁ ଚିର କୃତଜ୍ଞ ସୃଷ୍ଟିକର୍ତ୍ତା ଙ୍କ ନିକଟେ
ମୁଁ କୃତଘ୍ନ ନୁହେଁ, ମୁଁ ବିଶ୍ୱାସରେ ବିଷ
ଦିଏନି
ଅମାନବିକ କାର୍ଯ୍ୟରେ ମୁଁ ହାତ ଦିଏନି
ନିମକହାରମି କରିବା ମୋ ଜାତକେ ନାହିଁ
ମୁଁ ମାନବ ନ ହେଲେ ବି ଅଛି ମାନବିକତା,
ମୁଖାପିନ୍ଧା ମାନବ ଠୁଁ ବହୁତ ଦୂରେ..
ତୁମ ଜାତି ମତେ ଗରମ ପେଜ ଫିଙ୍ଗିବାକୁ
ବି କୁଣ୍ଠା କରେନି,
ମୁଁ କିନ୍ତୁ ତୁମେ ଫିଙ୍ଗିଥିବା ତୁମ ଜାତିକୁ ଉଦ୍ଧାର
କରେ
ମଇଳା ନାଳରୁ ତ କେତେବେଳେ,
କୁଢ଼ କୁଢ଼ ଡଷ୍ଟବିନ୍ ଭିତରୁ......

॥ ଶାରୀ ॥

ଏ ପକ୍ଷୀ ତୁ ପଞ୍ଜୁରୀ ଭିତରେ କଳବଳ
ହେଉଛୁ
ମୁଁ ନ ଥାଇକି ବି ପରାଧୀନ,
ତୋ ପାଇଁ ଏ ଲୁହାର ପଞ୍ଜୁରୀ
ମୋ ପାଇଁ ପ୍ରଥାରୂପୀ ଅନ୍ଧବିଶ୍ୱାସର ଶିକୁଳୀ
ତୋର ମୋର ଜୀବନ ଭିତରେ ଫରକ
କଣ ଯେ ?
ବାସ୍ ତୁ ଗୋଟିଏ ଶାରୀ
ଆଉ ମୁଁ ହେଉଛି ନାରୀ......


♥ଜିଲ୍ଲା : ବରଗଡ଼
ମୋ: ୮୨୬୦୬୫୯୩୩୨


### ଦୁର୍ଗତି ପଥେ ମାତୃଭାଷା

#### ସୁଦିପ୍ତ ପାଣି

ଦୁର୍ଗତିର ପଥେ ଆମ୍ଭ ମାତୃଭାଷା
ଚାଲୁଅଛି ନିତିଦିନ,
ବିଦେଶୀ ଭାଷାକୁ ଆପଣା କରିଲେ
ପୁଣି ହେବା ପରାଧୀନ।
ଇଂରେଜ ଆସିବେ ପୁଣି ଲୁଟି ନେବେ
ଭାରତରୁ ସିଂହାସନ,
ଓଡ଼ିଶା ରାଜ୍ୟରେ ପୁଣି ସେ ବ୍ରିଟିଶ
କରିବେ ଆସି ଶାସନ।
ଜଗନ୍ନାଥ ଧର୍ମ ପରିବର୍ତ୍ତେ ପାଦ୍ରୀ
ଚଳାଇବେ ଖ୍ରୀଷ୍ଟ ଧର୍ମ,
ଧ୍ୱଂସ କରିଦେବେ କଳା ଓ ସ୍ଥାପତ୍ୟ
ଉତ୍କଳ ହୋଇବ ଦୀନ।
ତୁମେ ଭାବୁଅଛ ଓଡ଼ିଆ ଏଡାଇ
ଇଂରାଜୀରେ ହେବ ଜ୍ଞାନୀ,
ମୁଁ ତହିଁ ଭାବୁଛି ଜାତିର ବିରୋଧୀ
ନିଶ୍ଚେ ଅଟନ୍ତି ଅଜ୍ଞାନୀ।
ଓଡ଼ିଆ ଭାଷାରେ ପ୍ରଚଳିତ ଥିବା
ପିତା ମାତା ପରି ନାମ,
ଇଂରେଜୀ ପ୍ରଭାବେ ମମି ଡାଡି ଆଦି
କରୁଛନ୍ତି ସମ୍ବୋଧନ।
ସରକାରୀ ବୃତ୍ତି କରିବା ନିମନ୍ତେ
ସଭିଏଁ ଇଚ୍ଛୁକ ଥାନ୍ତି,
ନିଜ ସନ୍ତାନଙ୍କୁ ପଢ଼ାଇବା ପାଇଁ
ଇଂରାଜୀ ସ୍କୁଲ୍ ପଠାନ୍ତି।
ଓଡ଼ିଆ ଭାଷାକୁ ହୀନ ମନେ କରି
ନ ମଣ ତାହାକୁ ହେୟ,
ଓଡ଼ିଆ ଭାଷାର ପ୍ରାଚୀନତା ଜାଣ
କାହାକୁ ବା ତୁମ ଭୟ।
ରୋଗୀଟିଏ ଗଲେ ଡାକ୍ତର ଖାନାକୁ
ରୋଗ ନିବାରଣ ପାଇଁ,
ଡାକ୍ତର ଲେଖୁଛି ଇଂରାଜୀ ଭାଷାରେ
ରୋଗୀବା ବୁଝିବ କାହିଁ ?
ମାତୃଭାଷା ଛାଡ଼ି ବିଦେଶୀ କହିଲେ
ଜାତୀୟତା ହେବ ନଷ୍ଟ,
ଏକଥା ଜାଣିଲେ ମହାପୁରୁଷଙ୍କୁ
ନିଶ୍ଚୟ ହୋଇବ କଷ୍ଟ।
ମାତୃଭାଷା ରକ୍ଷା ହେଉ ଆମ ଦୀକ୍ଷା
ତାହାର ସୁରକ୍ଷା ବ୍ରତ,
ମାତୃଭାଷା ପ୍ରୀତି ଦିଅ ହେ ଆଶିଷ
ଆହେ ଜଗତର ନାଥ।


+ଝାଜିଆ, ବଡ଼ମ୍ବା , କଟକ


### ପ୍ରତିକ୍ଷାରେ ଏସନ ପାର୍ବଣ

#### ନିରଞ୍ଜନ ସାହୁ

ପାର୍ବଣ ଆସିଲେ ତୁମେ ମନେପଡ଼
କାହିଁକି କେଜାଣି ଏତେ
ଭୁଲିବାକୁ ଯେତେ ପ୍ରଚେଷ୍ଟା କରୁଛି
ତୁମେ ମନେପଡ଼ ସେତେ ।
ଦିନେ ଏ ପାର୍ବଣ ଚିହ୍ନା କରିଥିଲା
ତୁମ ସହିତରେ ମୋତେ
ଆଜିକା ପାର୍ବଣେ
ଦେଖା ଯେବେ ହୁଏ
ତଳକୁ ମୁହଁ ମୁଁ ପୋତେ
ତୁମ ଚିନ୍ତନରେ ବୁଡି ଯାଇଥାଏ
କିଏ ଚେତେଇଲେ ଚେତେ ।
ପାର୍ବଣ ଆସୁଛି ପାର୍ବଣ ଯାଉଛି
ପ୍ରତିବର୍ଷ ତୁମେ ଆସ
ମେଢ଼ ବୁଲୁବୁଲୁ ମୋତେ
ଦେଖିଦେଲେ
ଧାଇଁଆସ ମୋର ପାଶ
ସ୍ୱଳ୍ପ ସମୟରେ ମନ ଖୋଲିଦେଇ
କଥା ଗପ କେତେକେତେ ।
ଏସନ ପାର୍ବଣେ ଆସୁଛ କି ନାହିଁ
ସେକଥା ତୁମକୁ ଜଣା
ଭରସା ରଖିଛି ଆସିବ ନିଶ୍ଚୟ
ହୋଇବନି ବାଟବଣା
ସମୟ ଦେଇ ମୁଁ ନିଶ୍ଚୟ ଶୁଣିବି
ଗପିଯିବ କଥା ଯେତେ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ: ୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୧୦ ଅକ୍ଟୋବର ୨୦୨୩, ମଙ୍ଗଳବାର


## ଚେମିବୋଉର ସ୍ୱପ୍ନ
### ଶରତ କୁମାର ଦାସ



ଚେମିବୋଉ ଗୋଟେ ଅବୁଝା କବିତା,
ଗୋଟେ ଅସରନ୍ତି ଗାଥା
ଅଣଚାଶ ବା'କୁ ଫୁ'କରି ଉଡେଇଦେଉଥିବା
ଗୋଟେ ଅଲିଭା ଶକ୍ତ ଦୀପଶିଖା ।

ଚେମିବୋଉ ଗରିବ
ଗରିବ ବୋଲି କ'ଣ ସ୍ୱପ୍ନ ଦେଖିବା ମନା ?
ନା ସ୍ୱପ୍ନକୁ ପଣତରେ ସଜାଇବା ମନା ?

ଘର ସାରା ପାଇଟି କରୁକରୁ ଥକିପଡେ ସିନା
ହେଲେ ହାର ମାନେନି ଚେମିବୋଉ ଜମା।

ତା' ପେଜୁଆ ଆଖି ହଳକରେ
ସ୍ୱପ୍ନମାନେ ଓହଳିପଡନ୍ତି ଖୁବ୍ ସନ୍ତର୍ପଣେ
ବେଳକାଳ ଦେଖି ଅଳସଭାଙ୍ଗନ୍ତି
ପୁଣି କମ୍ ସଂଘର୍ଷ କରନ୍ତି କି !

ଚେମିବାପା କରିଦେବ ତା' ପାଇଁ
କାନକୁ ଝୁମୁକା ଦି'ଟା
ଆଉ ନାକକୁ ନୋଥ
ଫସଲ ଗଣ୍ଡେ ଭଲେ ଉଠିଗଲେ ଏସନ।

ବଡଝୁଅକୁ ବା' ଦବ ଭଲ ଘର ଦେଖି
ଦି' ବରଷ ହେଲା ଲାଗିଲାଣି ଯେ
ଠିକ୍ ହୋଇପାରୁନାହିଁ ଧନ ଅଭାବରୁ
ପଇସା ବଳିଲେ ଦି' ବଖରା ଘର ତୋଳିଦବ
ମାଟି ବାଉଁଶରେ ।

ଗେହ୍ଲେଇ ହୋଇ କହୁଥିଲା ସେ
ପୁଅକୁ କଲେଜରେ ପଢାଇବ ପାଠ
ଯେତେ କଷ୍ଟ ହେଲେ ବି
ବିଲକୁ ଛାଡିବନି କେବେ ।

ଏପରି ଅନେକ ଆଙ୍କୁଥିଲା ସ୍ୱପ୍ନର ନକ୍ସା
ନୁଆଁଣିଆ ଚାଳଘରର ଭଙ୍ଗା ଚଟାଣରେ
ଏକାଏକା ବସି ଚେମିବୋଉ ।

ମାତ୍ର ସେ କ'ଣ ଜାଣିଥିଲା ଯେ
ମାଟି ତଳେ ଶୋଇଯିବେ ନୀରବ ମୁଦ୍ରରେ
ଅଧାଗଢା ସ୍ୱପ୍ନ ସବୁ ତା'ର
ଭାଙ୍ଗିଯିବ ବିଶ୍ୱାସର ସବୁଜ ନଅର
ତା କ୍ଷେତର ପାଚିଲା ଫସଲତକ
ଉଜୁଡି ଗଲା ପରେ ଅଦିନ ଝଡରେ ?

ସରକାରୀ ଫାନ୍ଦଫିକର ଜାଣିନି ବୋଲି ତ
ଚେମିବାପା କରଜ ସୁଝି ନପାରି
ନିଜକୁ ମାରିଦେଲା ସିନା
କାହା ଗୋଡ ଧରି ନେହୁରା ହେଲାନି।

ଆକାଶଟା ଭୁଷୁଡି ପଡିଲା
ଏକାବେଳକେ ଯେମିତି
ଚେମିବୋଉର ମଥା ଉପରେ
ଏକା ହେଇଗଲା ଏତବଡ ଦୁନିଆରେ ସେ ।


ଆଖିର ଲୁହ ଛଡା ନିଜର ବୋଲି
ଆଉ କିଛି ନଥିଲା ସମ୍ବଳ ତା ପାଖରେ ଆଉ
ବୟସର ଲମ୍ବା ଗାର ଟାଣିହେଇଯାଉଥିଲା
ତା' ଦିହଯାକ ଆପେଆପେ ଯାହା ।

ଚେମିବୋଉମାନଙ୍କର ଭାଗ୍ୟ ହିଁ ଏମିତି
ଲୁହକୁ ବରଫ କରିବାର ସୂକ୍ଷ୍ମ କଳାଟି
ଭଲଭାବେ ଜଣା ଏମାନଙ୍କୁ ପରା ।

ଦିହର ଦରଜକୁ ଦିହରେ ମାରିବାର
ସଫଳ ଓସ୍ତାଦ୍ ସତରେ ।


♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଚନ୍ଦ୍ରଭାଗାରେ ସୂର୍ଯ୍ୟସ୍ନାନ
### ଡ଼ ଶ୍ରୀଧର ସାମଲ



ସିନ୍ଦୁରା ଫାଟିବା ଆଗରୁ
ନିଜକୁ ହଳଦୀ ପାଣିରେ
ଗାଧେଇଦିଏ ଚନ୍ଦ୍ରଭାଗା,
ଫୁଙ୍ଗୁଳା ଦେହକୁ ଘୋଡ଼େଇଦିଏ
ସୁନେଲି ଶାଢ଼ୀରେ
ସମୁଦ୍ରର ଛାତିଚିରି,
ସୂର୍ଯ୍ୟ ମୁଣ୍ଡଟେକିଲା ବେଳକୁ
ଦିଗବଳୟ ଛାଇଯାଏ

ରକ୍ତିମ ଆଭାରେ ପକ୍ଷୀଙ୍କ ଭିଡରେ,
ମୁଁ ମୋତେ ଖୋଜିବୁଲେ
ନିର୍ଜନ ଦ୍ୱୀପରେ ମୋ ଅସ୍ତିତ୍ୱକୁ,
ବିସର୍ଜନ କରି ବନିଯାଏ
ମଣିଷରୁ ନିର୍ଜୀବ ପଥରଟିଏ,
ଶାମୁକାଟିଏ ହୋଇ ସମର୍ପିଦିଏ
ନତଜାନୁ ହେଇ,
ତୋ ପ୍ରଶସ୍ତ ଛାତିରେ ।

ମୁଁ କି ଜାଣେ ତୋ ବିଶାଳତା
ହୃଦୟର ଗଭୀରତା ?
ଯାହାଖାଲି ଘାଣ୍ଟିହୁଏ,
ଅବୋଧ ତୋ ଭାଷାକୁ ବୁଝୁବୁଝୁ
ଗୋଟାପଣ ତିନ୍ତିଯାଏ,
ଗୋଡ଼ ଖସିଯାଏ ତଳକୁ ତଳକୁ
ତୋରା ବାଲିରେ ପାଦ ଥାପୁଥାପୁ,
ଗାଲିଚା ବିଛେଇ ଯେଉଁଠି
ଶୋଇଛି ସକାଳ,
ଝାଉଁବଣର ନିରବତାରେ
ହଜିଯାଉଛି ବାରଶହ ବଢେଇଙ୍କ
କରୁଣ ଚିତ୍କାର,
ନିଛାଟିଆ ବତୀଘର ସାକ୍ଷୀଅଛି
କେଉଁଠି ନା କେଉଁଠି ଦିଶୁଛି,
ଧରମାର ପଦଚିହ୍ନ ।

ଅଳ୍ପଦୂରରେ ସୂର୍ଯ୍ୟମନ୍ଦିର ଗାତ୍ରରେ,
ମୈଥୁନ ଚିତ୍ରରେ ନୋଳିଆ ବସ୍ତିରେ
ଏଇଠି ବୋଧେ ସରିଛି ପୃଥ୍ୱୀ
କୂଳଖାଉଛି ମାଟି
ବିଶ୍ୱାସର ସୀମା ଡେଇଁ
ଜୀବନ ଧାଉଁଛି ଭେଟିବାକୁ,
କରାଳ ସ୍ରୋତକୁ ତେଣେ
ଅନତୀଦୂରରେ ଶୁଭୁଛି
ରାମନାମ ସତ୍ୟହେ ସ୍ୱର୍ଗଦ୍ୱାରରେ
ଚାଲିଛି ସ୍ୱର୍ଗାରୋହଣ ପର୍ବ ଯାହା,
ସତ୍ୟ ସତ୍ୟ ତ୍ରିବାରସତ୍ୟ!!


♥ ସମ୍ପାଦକ,
ମୌସୁମୀ ସାହିତ୍ୟ ପରିଷଦ
ମୋ.୯୪୩୭୬୦୭୯୯୭


## ଶରତ ସାଜିଛି ସବୁରି ମିତ
### ପ୍ରଶାନ୍ତ କୁମାର ଦାଶ



ଶରତ ସାଜିଛି ସବୁରି ମିତ
ଅଳପ ଅଳପ ଲାଗୁଛି ଶୀତ

ଆକାଶେ ଭାସୁଛି ବଉଦଭେଳା
ସବୁଠି ଚାଲିଛି ମଉଜ ମେଳା

ଗଛଲତା ମାଟି ପବନ ପାଣି
ବଢିଛି ସବୁଠି ଶରତ ଠାଣି

ଧାନଗଛ ବିଲେ ଦୋହଲି ନାଚେ
ଗଛଡାଳେ କୋଳି ଫଳତ ପାଚେ

ନିରବେ ନଈଟି ଆଗକୁ ଯାଏ
ମୀନଧରି ବଗ ଖୁସିରେ ଖାଏ ।

ସୂରୁଜ ବୁଡ଼ିଲେ ଆସଇ ସଞ୍ଜ
କଇଁଫୁଲ ଫୁଟି ଲଗାଏ ଖଞ୍ଜ

ଅଳସ ଭାଙ୍ଗଇ ଅଳସୀ ଜହ୍ନ
ଖୁସିରେ ବିଭୋର କୁଆଁରୀ ମନ

ମାଆତ ଆସିବେ ଧରାକୁ ହସି
ଗାଆଁ ସହରର ମଣ୍ଡପେ ବସି

ପୂଜା ପାଇ ଦୁଃଖ କରିବେ ନାଶ
ସୁନାର ଫସଲ ହୋଇବ ଚାଷ

ପେଟ ଭୋକ ଦୁଃଖ ରହିବ ନାହିଁ
ଶେଷରେ ଶରତ ଯିବତ ଧାଇଁ

ଶରତ ରୁତୁଟି ସବୁରି ମିତ
ପୁଲକ ଭରଇ ସଭିଙ୍କ ଚିତ୍ତ ।


♥କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


## ବାପା
### କ୍ଷଣପ୍ରଭା ମହାନ୍ତି



ସମୟର ନିର୍ଦ୍ଦେଶକୁ ମୁଣ୍ଡ ନୁଆଇଁ
ଦାୟିତ୍ୱ ବୋଧର ଜଟିଳ ପାହାଚ
ପରେ ପାହାଚ କ୍ଳାନ୍ତିହୀନ କର୍ତ୍ତବ୍ୟର
ଦୌଡ଼ ମାରୁଥିବା ଫୁଙ୍ଗୁଳା ଶୀର୍ଣ୍ଣ ପାଦ
ଯୁଗଳ ସିନା ମୋ
ବାପାଙ୍କର
ସେ ଯୁଗଳ ପାଦ ପଦ୍ମେ
ମୋ ପ୍ରଣତି ଲକ୍ଷେ ବାର ।

ରକ୍ତର ସମ୍ପର୍କକୁ ପବିତ୍ରତାରେ
ଶୁଦ୍ଧି ସ୍ନାନ କରାଇ
ସୀମାହୀନ ଦିଗନ୍ତକୁ ଛୁଇଁବାର
ଦୃଢ଼ ଅସ୍ପର୍ଦ୍ଧା ଦେଇ
ତତ୍ପରତାରେ ଛଟପଟ ହେଉଥିବା
ମନଟା ଆଉ ବା କାହାର ହୋଇପାରେ ?
ସେହିଁ ମୋ ପ୍ରଣମ୍ୟ ବାପା ।

ସଂସାର ନାଟକରେ ସିଏ ନିଖୁଣ
ନିଷ୍କପଟ ଧୂଳି ଧୂସରିତ ଅଭିନେତା ।

ଫୁଲର କୋମଳ ପଣରୁ କୋମଳ ତର, ପଥର
ଟାଣଠୁ ଅଧିକ ଶକ୍ତିଧର
ଦୀପରେ ଆଲୋକଠାରୁ ଆହୁରି
ଉଜ୍ଜ୍ୱଳ ।
ସିଏ ଭିନ୍ନ ଧାତୁରେ ଗଢ଼ା
ଭିନ୍ନ ଉପାଦାନର ଲୋହିତ ସକାଳ ।
ବାପା !
ଏକ ସୁରକ୍ଷା କବଚ
ଭରସାର ଉତ୍ତୁଙ୍ଗ ହିମାଦ୍ରୀ
ପ୍ରତିଦାନ ମାଗୁନଥିବା ଦାନୀ
ସିଏ ଦୀପ ସଳିତାର କାହାଣୀ ।
ଯାହାଙ୍କ କଥାରେ କଥାରେ
ମିଠା ପିଠି ଥାପୁଡ଼ାରେ
ନିଦ ବସା ବାନ୍ଧେ ଆଖି ପତାରେ
ଠୁକୁ ଠୁକୁ ପାଦରେ ଯିଏ ଭରି
ଦିଅନ୍ତି ସାହାସ ଆଶିଷରେ
ଭରା ଯାହାଙ୍କ ଯୁଗଳ ହସ୍ତ
ଜୀବନକୁ ମୋର କରିଛି
ସୁଖର ବିନ୍ୟସ୍ତ ।

ମଧୁମୟ ବେକ୍ତିତ୍ୱରେ
ମହକିଟତ,
ସଂସାରର ଏଇ ଚଲା ବାଟ
ବାପା ସିଏ ଲହୁ ଲୁହ ଏକ କରି
ଉଡ଼ାନ୍ତି ନିର୍ଦ୍ଦୋନ୍ଦରେ ଆକାଂକ୍ଷାର ନେତ ।


♥ନୀଳାଦ୍ରି ନଗର ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୮୩୧୬୧


## ଯାଚନା- ଦୃଶ୍ୟାନ୍ତର ପାଇଁ
### ବସିରନ୍ ବିବି



ସୃଷ୍ଟିର ଏ କଳଙ୍କିତ ରୂପ
ନଦେଖିବା ପ୍ରୟାସରେ
ବାରବାର ଆଖବୁଜି ଯାଏ ।

ନିଷ୍ଫଳ ପ୍ରୟାସ ଖାଲି,
ନିଶି ଶୟନ-ସ୍ୱପ୍ନେ, ଦିବା ଜାଗରଣେ,
ସେ ବୀଭତ୍ସ ଦୃଶ୍ୟପଟ୍ଟ
ପୁନଃ ପୁନଃ ଆବର୍ତ୍ତିତ ହୁଏ ।

ମନମୀନ ଚଇତନ୍ୟ ଅଥର୍ବ ପାଲଟେ ।
ଅନ୍ତର ନିଭୃତ କୋଣେ
ପ୍ରାଣପକ୍ଷୀ ବିକଳେ ବିଳପେ
ମାନସ ସ୍ୱଚ୍ଛ ମୁକୁରେ ପ୍ରତିବିମ୍ବ ତୋଳେ
କେତେ ଘୃଣ୍ୟ କଳଙ୍କିତ ଛବି ।

ଦୁର୍ନୀତିର ଶତବାହୁ ହୁଏ ପ୍ରସାରିତ
ଗ୍ରାସିବାକୁ ସତ୍ୟ– ନ୍ୟାୟ ରବି ।

କର୍ଣ୍ଣ କୁହର କମ୍ପାଇ ଶୁଭେ ପ୍ରତିଧ୍ୱନି,
ଧର୍ଷିତା ବିଳାପ ଅବା ଲାଞ୍ଛିତ ପ୍ରଳାପ ।
ସବଳର ଅତ୍ୟାଚାରେ ଅତିଷ୍ଠ ଦୁର୍ବଳ,
ଅପହୃତ କୁମାରୀତ୍ୱ ଲୁଣ୍ଠିତ ମାତୃତ୍ୱ ।
ଶାନ୍ତିର କପୋତ କେବେ
ଡେଣା ଝାଡ଼ି ଦିଏ
ଉଡ଼ିଯିବ ସୀମାହୀନ ଦେଶେ ।

ଶୂନ୍ୟ ଉଠୁଉଠୁ ପୁଣି ହୁଏ ଭୂ-ଲୁଣ୍ଠିତ
ତୀରବିଦ୍ଧ ହୋଇ
କ୍ରୁର ନିଷାଦର ହସ୍ତେ ।

ରୁଦ୍ଧ ପିଞ୍ଜରା ଥରାଇ ବହେ ଅଣଚାଶ
ପ୍ରଶ୍ନ ଉଙ୍କିମାରେ ମନେ କେତେ
ଏ ଦୃଶ୍ୟର ସତେ କିବା ହେବ ନାହିଁ ଶେଷ!

ଅସହାୟ ମନ ଖାଲି ଆଶ୍ରା ଲୋଡ଼େ
ତୁମରି ଚରଣେ
ହେ ପ୍ରଭୁ, ଏ ଦୃଶ୍ୟର ଅଣ ଦୃଶ୍ୟାନ୍ତର
ସବୁରି ଉପରେ ତୁମେ ଶକ୍ତିମୟ ପରା

ଯାଚନା ଏତିକି ପ୍ରଭୁ ଯବନିକା ଟାଣି ଦିଅ
ଏ ଘୃଣ୍ୟ, ବୀଭତ୍ସ ଦୃଶ୍ୟର ।


♥ନୟାଗଡ଼
ମୋ: ୯୪୩୭୪୮୪୭୮୬


## ଶେଷ ଫଗୁଣର ଚିଠି
### ସୁବ୍ରତ କୁମାର ଜେନା



ସେ ଲେଖି ଭୁଲି ଯାଇଥିଲା ମନରୁ,
କି ଜାଣିନଥିଲା ଏ ଚିଠି
କେବେ ପହଂଚିବ କାହା ହାତରେ,
ଚିଠି ଥିଲା ଏମିତି..।

ନିଦାଘର କରୁଣ ଉତ୍ପୀଡନ ପରେ ପରେ,
ମୂର୍ଚ୍ଛା ଯାଇଥିଲେ ଧରଣୀ,
ଏତେ ଅସହିଷ୍ଣୁ ହୋଇଥିଲା ପ୍ରକୃତି ଏଥର,
ବର୍ଷିଥିଲା ମନଭରି ଅନଳ,
ବେଶ୍ କାକୁତି ମିନତୀ ହୋଇଥିଲେ ଜୀବଜଗତ,
ଏତେ ନେହୁରା ପରେବି ସେ କିନ୍ତୁ ସେମିତି ଥିଲା,
ଯେମିତି କି ସୁଝାଇବାକୁ ବାହାରିଛି ପୁରୁଣା ରାଗକୁ।

ଦୂର ପାହାଡ଼ରେ ପଗଡି ବାନ୍ଧୁଥିଲା ସୂର୍ଯ୍ୟ,
ନାଲି ଚିକ ମିକ ଡାହାଣିଆଁ ଖରା
ଉପରେ ନୀଳ ଆକାଶ,
ତୁମେ ହୁଏତ ଏସବୁକୁ ଭଲ ପାଅ,
ମତେ ପଚାରିଲେ ମୁଁ କହିବି ନା ରେ ବାବା ନା,
କି ଭରସା କହିଲ ସେ ଭସା ମେଘକୁ,
ସବୁବେଳେ ସେ ପରା ଭିଜାଏ ବିନା କାରଣରେ,
ତୁମକୁ ଭିଜିବାକୁ ଭଲ ଲାଗେତ ତୁମେ ଭିଜ,
ମୁଁ କିନ୍ତୁ ଯାଉଛି ଖୋଲି ପଢିବି
ଶେଷ ଫଗୁଣର ଶେଷ ଚିଠିକୁ ତୁମ ନାଁ ରେ,
କିଛି ହୁଏତ ଲେଖିଥିବ ଗୁମର କଥା ।

ନୀଳ ଆକାଶର ନୀଳ ବୁକୁତଳେ
ଅନେକ କିଛି ଘଟଣା ଘଟେ,
ଆଉ କିଛି ଦୃଘଟଣାର ରୂପ ନିଏ,
ଏଠି ପରା ଜୋର ଯାର ମୁଲକ ତାର,
ଏଥିରେ ନିରାଶ୍ରୟୀ ତ
ଡରିବାର କଥା ସେ ଡରିବ,
ସେଥିଲାଗି ଫଗୁଣ ଲେଖିଥିଲା,
ଫେରିବନି ବୋଲି ଆଉ ଏ ଧରାକୁ,
ତେଣିକି ଯେତେ ଯିଏ ତାକୁ ଖୋଜୁଛି ଖୋଜୁ,
ତେଣିକି ବଉଳ ଫୁଲ ଫୁଟୁ ଅବା ନଫୁଟୁ,
ଆହୁରି ଅନେକ କିଛି ଲେଖିଥିଲା,
କାଳେ ହୁଏତ କେହି ଖୋଲି ପଢିବ ବୋଲି ।


♥ ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ଦେବୀପକ୍ଷ
### ମାନସ ରଞ୍ଜନ ନାୟକ



ଜଗତବାସୀ ଜାଗିବା ପୂର୍ବରୁ ପ୍ରକୃତି ରାଣୀ ଉଲ୍ଲସିତ
ଶାରଦୀୟ ନୀଳମେଘ ସହ ଭବ୍ୟ କାଶତଣ୍ଡି ପୁଲକିତ
ଦେବୀପକ୍ଷରେ ଉଚ୍ଚାରିତ ହୁଏ ପ୍ରାର୍ଥନାର ପାର୍ଥିବ ମନ୍ତ୍ର
ଆଚରଣେ ଉତ୍କଟ ଅଭାବ, ଚେତନାରେ ସ୍ୱାଧୀନ ସ୍ୱତନ୍ତ୍ର ।

ସୁସଜ୍ଜିତ ତୋରଣ, ଚିକ୍ ମିକ୍ ରଙ୍ଗୀନ୍ ଆଲୋକର ଆଭା
ମୃଣ୍ମୟୀ ମେଢରେ ଆଶୀର୍ବାଦ ମୁଦ୍ରାରେ କି ସ୍ୱୟଂ ଦେବୀ ଉଭା !
ମାନବ ହିଁ ମହିଷାସୁର ସାଜି, ସାଧୁଛି ପ୍ରବୃତ୍ତି କୁତ୍ସିତ
ସର୍ଜନାର ଆଦ୍ୟଶକ୍ତି କିବା ନିଃସର୍ତ୍ତ ବରଦାନରେ ପ୍ରୀତ ?


ଶକ୍ତିପୀଠେ ମହାଆଡମ୍ବରେ ଚାଲୁଛି ଷୋଡଶ ଉପଚାର
ଜୀବନ ଯଜ୍ଞରେ ଆହୁତି ନେଉଛି କି ବିବସ୍ତ୍ର ବ୍ୟଭିଚାର ?

ନିଉଛୁଣା ଇନ୍ଦ୍ରିୟ ଉଚ୍ଚାଟରେ ପ୍ରକମ୍ପେ ଦେବୀ ଆବାହନ
ସୁରା ସଙ୍ଗୀତ ରେ ଉନ୍ମ, ହାସ୍ୟାତ୍ମକ ନୁହେଁକି ବିସର୍ଜନ ?

ଆଧ୍ୟାତ୍ମିକତାରେ ଆଚ୍ଛନ୍ନ ସନାତନୀ ମହାମାୟୀ ପରମ୍ପରା
ବିସ୍ମୃତ କି ରେ ସଂସ୍କୃତି ତୋର, କଳୁଷିତ ଚେତନା ବତୁରା ?


♥ମଞ୍ଜୁରୀ ରୋଡ୍, ଭଦ୍ରକ-୭୫୬୧୨୧
ମୋ: ୯୮୯୦୮୫୧୪୨୭


## କାଶତଣ୍ଡୀ
### ପ୍ରତାପ କୁମାର ପଣ୍ଡା



ହେଉ ପଛେ ବନଭୂମି ନଦୀପଠା ଗାଆଁ ବିଲ
ଅପନ୍ତରା ପାଟ,
ସବୁଠି ସେ କୋମଳ ତା' ପାଦଥାପି
ବଦଳାଏ ଧରା ଦୃଶ୍ୟପଟ।
ଲାଗେ ନବ ଯଉବନା ରୂପବତୀ ଲହକା ତା
କମ୍ର କଟିଦେଶ,
ମୃଦୁମନ୍ଦ ସମୀରଣେ ଦୋଳାୟିତ
ତେଜୋମୟ ଚାରୁ ଶୁଭ୍ରକେଶ ।

କି ଗୋଲାପ ମଧୁମଲ୍ଲୀ ଟଗର ମନ୍ଦାର ଅବା
କାଞ୍ଚନ କାମିନୀ,
ଶତଦଳ କମଳରେ ମନୋହର ଦିଶୁଥାଉ ସ୍ୱଚ୍ଛ
ପୁଷ୍କରିଣୀ ।
ସବୁ ତୁଚ୍ଛ ପାଶେ ତା'ର ଦେଖି ଯା'କୁ କ୍ଷଣେ
ମନ ହୋଇ ଆନମନା,
ଦିବ୍ୟତାର ମଧୁଜଳେ କୂଳ ଡେଇଁ ଉଛୁଳେ
ଏ ହୃଦୟ ଯମୁନା ।

ଶରତର ଆଗମନେ କି ସୁନ୍ଦର ଲାଗେ ତା'ର
ଅପରୂପ ବେଶ !
ମୋହିନେଇ ତନୁମନ ଭରିଦିଏ ପ୍ରତି ହୃଦେ
ପାର୍ବଣ ଉଲ୍ଲାସ।
କିଏ କହେ କୁସୁମ ସେ କିଏ କହେ
ଶୋଭାମୟୀ କ୍ଷଣସ୍ଥାୟୀ ତୃଣ,
କାଶତଣ୍ଡୀ ନାମେ ଖ୍ୟାତ ଦୃଶ୍ୟେ ଯା'ର
ଆତ୍ମତୃପ୍ତି ଲଭଇ ଏ ପ୍ରାଣ ।

ଯେଉଁଠି ସେ ଫୁଟିଥାଉ ଯେତେ କ୍ଷୀଣ ହେଉ
ପଛେ ଜୀବନ ଆୟୁଷ,
ଏକା ଶେଷ ମନୋରଥ ବିତରିବ
ଧରାପୃଷ୍ଠେ ପରମ ସନ୍ତୋଷ ।


♥ରାଉରକେଲା
ମୋ: ୯୮୬୧୦୫୯୭୦୯


## ଆସିଲା ଆଶ୍ୱିନ
### ବିଶ୍ୱବନ୍ଦିତା ପାତ୍ର



ଆସିଲା ଆଶ୍ୱିନ ମାସ...
ମା' ଦଶଭୁଜାଙ୍କର ଶାରଦୀୟ ପୂଜା,
କାଶତଣ୍ଡି ଫୁଲ ସାଙ୍ଗରେ...
ପାର୍ବଣର ସାଜସଜ୍ଜା ଓ
ବିଜୟର ବାଜା ।

ମୂର୍ତ୍ତୀ କାରିଗର ସବୁ ହୋଇଣ ସାଥି ...
ସର୍ଜନା କରିବେ ମା' ମୁରତୀ,
ଭୁଲିଯାଇ ଦିନ ରାତି ...
ଏକ ହୋଇ ସବୁ ଜାତି ...
ଅନଳ ଜନ୍ମାଙ୍କର ସ୍ୱାଗତ ଉତ୍ସବର
କରିବେ ପ୍ରସ୍ତୁତି ।

ଦୁର୍ଗତି ନାଶିବା ପାଇଁ ସିଂହବାହିନୀ ମା'...
ସ୍ୱର୍ଗପୁରୀ ଛାଡି,
ମର୍ତ୍ତ୍ୟକୁ ଆସିଛନ୍ତି ଓହ୍ଲି .....
ଖୁସୀର ଲହରି ଖେଳେଇ ଦେବେ ସେ....
ସାରା ଧରଣୀକୁ ବୁଲି ।

ଆଉ ପୁଣି ପୂର୍ବ ପୁରୁଷ ....
ଘରକୁ ଆସିବେ ବୋଲି
ଘରଦ୍ୱାର କରି ସଫାସୁତରା ....
କବାଟ ରଖିଛନ୍ତି ସବୁ ଖୋଲି,
ଅନ୍ଧାରରେ ଆସି ପୁଣି ସିଏ....
ଗଙ୍ଗା, ଗୟା ଯାଇ,
ଆଲୁଅରେ ଯିବେ ଚାଲି ।


♥ଧୁମୁଛାଇ, ଭଞ୍ଜନଗର, ଗଞ୍ଜାମ
ମୋ: ୮୨୬୦୬୯୯୭୮୮

# ପୁରୀ ସହରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରୁନି

ପୁରୀ, ୦୯/୧୦ (ନି.ପ୍ର): ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁଥିଲେ ମଧ ତାହା ଶେଷ ହୋଇପାରୁ ନାହିଁ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦୀର୍ଘ ୫ ବର୍ଷ ଧରି ଖୋଳା ତଡ଼ା ଭଙ୍ଗା ଭଙ୍ଗି ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏମାରମଠ ଭାଙ୍ଗି ଯିବା ପରେ ତାର ଐତିହ୍ୟ ସ୍ମୃତି ସେହି ଡ଼ିଜାଇନର ମଠ ଗୃହ ଓ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ ହୋଇପାରି ନାହିଁ। ମନ୍ଦିର ଚାରିପଟୁ କାରୁକାର୍ଯ୍ୟ ପୂର୍ଣ୍ଣ ମଠ ଗୁଡ଼ିକ ଭାଙ୍ଗି ଦିଆଯାଇଥିଲେ ମଧ ସେହି ଅନୁରୂପ ମଠ ନିର୍ମାଣ ହୋଇ ପାରିନାହିଁ । ଶ୍ରୀସେତୁ କାର୍ଯ୍ୟ ସରିବ ସରିବ ବୋଲି ଶେଷ ହୋଇ ପାରୁନାହିଁ । ବେଳାଭୂମି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ମାଟିଆପଡ଼ା ଓଭରବ୍ରିଜ୍ କାର୍ଯ୍ୟ ୫ ବର୍ଷ ଧରି ମାପଚୁପ, କ୍ଷତିପୂରଣ, ଘର ଭଙ୍ଗା ଓ ଏବେ ଡ୍ରେନେଜ ଓ ସ୍ୱରେଜ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ସେହି ଅଂଚଳର ଲୋକମାନେ ଓଭରବ୍ରିଜ୍ ସ୍ୱପ୍ନ ଦେଖି ଦେଖି ୫ ବର୍ଷ ବିତିଗଲାଣି । ସିଂହଦ୍ୱାର ଓ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଦୋକାନି ମାନଙ୍କୁ ୩ଟି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଂଟନ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ ଓ ଶ୍ୱେତଗଙ୍ଗା ପୁଷ୍କରଣୀ ଗୁଡ଼ିକ ଉନ୍ନତି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ପାର୍ବଣ ଋତୁ ଚାଲିଥିଲେ ମଧ ସାହି ଗଳିକନ୍ଦି ରାସ୍ତା ଗୁଡ଼ିକ ଫ୍ଲେବର ଇଟା ବିଛାଡ଼ିବା କାର୍ଯ୍ୟ ଶେଷ ହୋଇ ପାରିନାହିଁ । ଭୂଦାନ ଛକରେ ନିର୍ମାଣାଧୀନ ମାଛ ମାର୍କେଟ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ହୁଲୁହୁଲିଆ ପୋଲ ଠାରୁ ଅଠରନଳା ଦେଇ ମଙ୍ଗଳାନଦୀ ପର୍ଯ୍ୟନ୍ତ ମୂଷା ନଦୀ ଖନନ, ଉନ୍ନତିକରଣ, ନଦୀ ବନ୍ଧ ନିର୍ମାଣ, ଦଳ ସଫେଇ ଓ ଜବରଦଖଲ କାର୍ଯ୍ୟ ଦୀର୍ଘ ୧୧ ବର୍ଷ ଧରି ଜାରି ରହିଛି । ଜଗନ୍ନାଥ ବଲ୍ଲଭରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ଅଧା ନିର୍ମାଣ ହୋଇ ପଡ଼ି ରହିଛି । ମଝିରେ ମଝିରେ ଜାନୁଆରୀରେ ଶେଷ ହେବ, ଡ଼ିସେମ୍ବରରେ ଶେଷ ହେବ, ରଥଯାତ୍ରା ପରେ ଶେଷ ହେବ ଏଭଳି ପ୍ରତିଶୃତି ପରେ ପ୍ରତିଶୃତି ଦେଇ ପ୍ରଶାସନ ଦିନ ଗଡ଼ାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ସେହିପରି ତାଳବଣିଆ ଅଂଚଳରେ ବିଶ୍ୱସ୍ତରୀୟ ପାର୍କ ନିର୍ମାଣ ହୋଇ ପାରିନାହିଁ । ୪୦ ହଜାର ଭକ୍ତ ରହିବା ପାଇଁ କୋଠା ନିର୍ମାଣ କରାଯାଇ ପାରିନାହିଁ । ପୁରୀ ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରବିନ୍ଦ୍ର ମଣ୍ଡପ ପରି ହଲ୍ ଟିଏ ନାହିଁ କି ସିନେମାପ୍ରେମୀଙ୍କ ପାଇଁ ସିନେମା ହଲଟିଏ ନିର୍ମାଣ ହୋଇ ପାରିନାହିଁ। ନିର୍ବାଚନ ପରେ ନିର୍ବାଚନ ଆସୁଛି । ନେତାଙ୍କ ପରେ ନେତା ବଦଳୁଛନ୍ତି। ହେଲେ ଲୋକଙ୍କ ସୁବିଧା ପାଇଁ ଅନେକ ଜନହିତକର କାର୍ଯ୍ୟ ଶେଷ ହୋଇପାରୁନାହିଁ ବୋଲି ସହରରେ ଚର୍ଚ୍ଚା ହେଉଛି ।

# ଦେଓଗାଁ ବ୍ଲକ ବନ୍ଧପଡ଼ା ପଂଚାୟତ ଆନ୍ତର୍ଲା ଗାଁରେ ଆଦିବାସୀ ଶୋଭାଯାତ୍ରା

ବଲାଙ୍ଗୀର, ୦୯/୧୦ (ନି.ପ୍ର): ଦେଓଗାଁ ବ୍ଲକ ବନ୍ଧପଡା ପଂଚାୟତ ଆନ୍ତର୍ଲା ଗାଁ ରେ ଆଦିବାସୀ ମହାମେଳି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଦିବାସୀ ମାନେ ପାରମ୍ପରିକ ବେଶଭୁଷା ରେ ନାଚି ନାଚି ଅନ୍ତର୍ଲା ଗାଁ ପରିକ୍ରମା କରିଥିଲେ। ଗାଁ ରେ ପୂଜାପାଉଥିବା କାନ୍ଦୁଲ ବୁଢ଼ା, ଡ଼ଙ୍ଗର ବୁଢ଼ା, ମାଉଲି, ମାଆ ଚଣ୍ଡୀ, ମହାଦେବ ମନ୍ଦିର ଦର୍ଶନ କରିଥିଲେ। ପରେ ଚଣ୍ଡୀ ପୀଠ ପ୍ରାଙ୍ଗଣରେ ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭବରେ ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଯୋଗଦେଇଥିଲେ। ଅନ୍ତର୍ଲା ଗାଁର ଦେବୀ ଶ୍ରୀ ଚଣ୍ଡୀ, ଶିବ, ମାଉଲି, କାନ୍ଦୁଲ ବୁଢ଼ା, ଡ଼ଙ୍ଗର ବୁଢ଼ାଙ୍କ ଦେହେରୀ, ଝାଙ୍କର, ପୁଝାରୀ ସହରା ଏବଂ କନ୍ଧ ଆଦିବାସୀ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଆଦିବାସୀ ମାନଙ୍କ ଆଦିମ ସଂସ୍କୃତି, ଦେବଦେବୀ ପୂଜା ପଦ୍ଧତି, ଯାନିଯାତ୍ରା, ପର୍ବପର୍ବାଣି, ସାମାଜିକ ପ୍ରଥା ପରମ୍ପରା, ପୁରାଣ ବର୍ଣିତ ଶ୍ରାବଣା ଶବରୀ, ଜାରା ଶବର, ବିଶ୍ୱାବସୁ ଶବର, ବାରଭାଇ ବେଣ୍ଟକକ୍ଷର, ବିଷୟରେ ସାଂସଦ ଶ୍ରୀ ବିଶି ଆଲୋକପାତ କରିଥିଲେ କ୍ଷ ଆଦିବାସୀ ମାନେ ସ୍ୱାଧୀନ, ସ୍ୱତନ୍ତ୍ର, ସ୍ୱାଭିମାନୀ। ସ୍ୱାଧୀନତା ସଂଗ୍ରାମ ରେ ଆଦିବାସୀ ନେତା ରେଣ୍ଡୋ ମାଝି, ଧରମ ସିଂ ମାନ୍ଧାତା ମାଝି, ମାଧୋ ସିଂ ବରିହା, କୁଞ୍ଜଲ ସିଂ, ଐରୀ ସିଂ, ବୈରୀ ସିଂ, ସୁରେନ୍ଦ୍ର ସାଏ, ଲକ୍ଷ୍ମନ ନାଏକ, ତାନ୍ତିଆ ଭୀଲ, ଚକରା ବିଶୋଇଙ୍କ ଭୂମିକା, ବଳିଦାନ, ଅବଦାନ ବୀରଗାଥା ସମ୍ବନ୍ଧରେ ମଧ ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରଶଂସା କରିଥିଲେ। ଓଡିଶା ସରକାରଙ୍କ ଜନକଲ୍ୟାଣକାରି ଧାର୍ମିକ ପୀଠ ଗୁଡିକର ସୌନ୍ଦର୍ଯ୍ୟ କରଣ, ସୁରକ୍ଷା, ମରାମତି କାର୍ଯ୍ୟ ପାଇଁ ପାଣ୍ଠି ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନଶକ୍ତି ଯୋଜନା, କାଳିଆ ବଳିଆ ଯୋଜନା, ମହିଳା ସଶକ୍ତିକରଣ ଯୋଜନା, ସ୍କୁଲ ରୁପାନ୍ତରିକରଣ, ଶ୍ରମିକ କଲ୍ୟାଣ ଯୋଜନା, କଳାକାର ସହାୟତା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗିର ଜ଼ିଲ୍ଲା କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରି ଜ଼ିଲ୍ଲାର ଆଦିବାସୀ ମାନଙ୍କ କଳା, ସଂସ୍କୃତି, ଐତିହ୍ୟ, କ୍ରୀଡା, ର ବିକାଶ, ସୁରକ୍ଷା, ପୁନଃରୁଦ୍ଧାର, ପ୍ରଚାର ପ୍ରସାର କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିଥିବାରୁ ଆଦିବାସୀ ନେତାମାନେ ଓଡିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ସାଂସଦ ଶ୍ରୀ ବିଶି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ପକ୍ଷଲେଶ୍ୱର ଭୋଇ, ବିରଂଚି କୁଅଁର, ପୂର୍ବତନ ଜ଼ିଲ୍ଲା ପରିଷଦ ସଭ୍ୟ ଅଶୋକ ଭୋଇ, ବିଂଝାଲ ସମାଜର ସଭାପତି ମଦନ ବରିହା, ଘଷଟୁଲ ଗୌନ୍ତିଆ ଦୟାନିଧି ଝାଙ୍କର ପ୍ରମୁଖ ଉଦବୋଧନ ଦେଇଥିଲେ।

## ସମ୍ବଲପୁର ନାଟ୍ୟକଳା ପରିଷଦ ବାର୍ଷିକ ଉତ୍ସବରେ ମଂଚସ୍ଥ କରିବ ଦୁଇଟି ନାଟକ

ସମ୍ବଲପୁର, ୦୯/୧୦ (ନି.ପ୍ର): ସମ୍ବଲପୁର ନାଟ୍ୟକଳା ପରିଷଦର ବାର୍ଷିକ ଉତ୍ସବରେ ପରିବେଷିତ ହେବ ଦୁଇଟି ନାଟକ । ଏନେଇ ରବିବାର ଓଡିଶା ସାଂସ୍କୃତିକ ସମାଜ ଭବନ ଠାରେ ବସିଥିବା ସମ୍ବଲପୁରର ସର୍ବ ପୁରାତନ ନାଟ୍ୟନୁଷ୍ଠାନ ସମ୍ବଲପୁର ନାଟ୍ୟକଳା ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି । ଅନୁଷ୍ଠାନର ସଭାପତି ଡ଼. ଶିବ ନାରାୟଣ ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ଶିଶୁ ଦିବସ ନଭେମ୍ବର ୧୪ ତାରିଖ ଦିନ ହେବାକୁ ଥିବା ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଛି । ଚଳିତ ବର୍ଷ ଏହି ପ୍ରତିଷ୍ଠା ଦିବସରେ ବିରୁପାକ୍ଷ ପ୍ରଧାନ ଓ ସୂର୍ଯ୍ୟ ପାଣିଗ୍ରାହୀର ୨ଟି ନାଟକ ମଂଚସ୍ଥ ହେବାର ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଓଡିଶା ନାଟ୍ୟସଙ୍ଘର ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଡ଼. ସିଦ୍ଧାର୍ଥ ପଣ୍ଡା, ଅନୁଷ୍ଠାନର ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ଅଶୋକ ମିଶ୍ର, ଅପର୍ଣ୍ଣା ପାଢ଼ୀ, ସଂଯୁକ୍ତା ପଣ୍ଡା, ଡ଼. ସୁରୁବାବୁ ମେହେର, ସୁବାସ ନନ୍ଦ, ଗୋରେଖଲାଲ ଦାସ, ମାହେଶ୍ୱରୀ ପାଣିଗ୍ରାହୀ, ପ୍ରଶାନ୍ତ ମହାରଣା, ଅରବିନ୍ଦ ମିଶ୍ର, ଶିରୀଶ ଚନ୍ଦ୍ର ପୂଜାରୀ, ବିରୁପାକ୍ଷ ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ନରେନ୍ଦ୍ର ବେହେରା, ପ୍ରଭାସ ବାନାର୍ଜୀ, ଡ଼. ସତ୍ୟ ନାରାୟଣ ଠାକୁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅନୁଷ୍ଠାନର ସହ ସମ୍ପାଦକ ବିରୁପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ଜିଲ୍ଲାସ୍ତରୀୟ ଅମଲା

ଜୟପୁର, ୦୯/୧୦ (ନି.ପ୍ର): ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଅଧକ୍ଷତାରେ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହ କୋରାପୁଟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦାଶଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଜିଲ୍ଲାସ୍ତରୀୟ ଅମଲା ଏହି ବୈଠକରେ ଯୋଗଦାନ କରିଥିଲେ। ରାଜ୍ୟ ମିଳିତ ଅମଲା ମଂଚ ଙ୍କ ନିର୍ଦ୍ଦେଶ କ୍ରମେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅମଲା ମାନଙ୍କ ପ୍ରତି ସରକାରଙ୍କ ଅଣଦେଖା ଓ ଦାବି ପୁରଣ କରିବାରେ ଟାଳ ଟୁଳ ନୀତି ଅବଲମ୍ବନ କରିବା ନେଇ କୋରାପୁଟ ଜିଲ୍ଲାର ସମସ୍ତ ଅମଲା ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଅତି ଶିଘ୍ର ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ନେଇ ସମସ୍ତ ଅମଲା ମତାମତ ଦେଇଥିଲେ। ପ୍ରକାଶ ଥାଉକି, ଶଶୀଭୂଷଣ ଦାଶଙ୍କ ଅଧକ୍ଷତାରେ ତା ୨୬.୦୩.୨୦୨୩ ରିଖ ଦିନ କୋରାପୁଟ ଜିଲ୍ଲାରେ ମିଳିତ ଅମଲା ମଂଚ ଗଠନ କରାଯାଇଥିଲା। ସମସ୍ତ ୩୦ ଗୋଟି ଜିଲ୍ଲାର ମିଳିତ ଅମଲା ମଂଚ ନେତୃବୃନ୍ଦଙ୍କୁ ନେଇ ୦୯.୦୪.୨୦୨୩ ରିଖ ଦିନ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ରାଜ୍ୟ ମିଳିତ ଅମଲା ମଞ୍ଚ ଗଠନ କରାଯାଇଥିଲା। ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲାରେ ତା ୧୬.୦୪.୨୦୨୩ ରିଖ ଦିନ ମିଶନ ଶକ୍ତି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ତା ୨୧ ୦୪ ୨୦୨୩ ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ୩୦.୦୪.୨୦୨୩ ରିଖ ସୁଦ୍ଧା ଯଦି ସରକାର ଅମଲା ମାନଙ୍କ ଏକ ମାତ୍ର ଦାବି ୪୨୦୦/- ଗ୍ରେଡ ପେ ପ୍ରଦାନ ନ କରନ୍ତି ତେବେ ୧.୫.୨୦୨୩ ରିଖ ଦିନ ରାଜ୍ୟ ମିଳିତ ଅମଲା ମଂଚ ସରକାରଙ୍କୁ ଚରମ ପତ୍ର ପ୍ରଦାନ କରିବେ, ଯଦି ୨୧.୦୫.୨୦୨୩ ରିଖ ସୁଦ୍ଧା ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ୨୨.୦୫.୨୦୨୩ ରୁ ୩୧.୦୫.୨୦୨୩ ରିଖ ପଯ୍ୟନ୍ତ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା କଳା ବ୍ୟାଚ ପରିଧାନ କରିବେ ତା ପରେ ମଧ ସରକାର ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଜୁନ୍ ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅମଲା ମାନେ ସମୂହ ଛୁଟିରେ ରହିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ, ଯେହେତୁ ସରକାର କର୍ଣ୍ଣପାତ କଲେନାହିଁ, ରାଜ୍ୟ ସଂଘର ନିଷ୍ପତି ଅନୁଯାୟୀ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ସମୂହ ଛୁଟିରେ ରହିଲେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ, ତା ୧୭.୦୬ ୨୦୨୩ ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଫାଇଭ-ଟି ସଚିବ ଭି.କେ. ପାଣ୍ଡିୟାନ ଅମଲା ମାନଙ୍କ ଦାବିର ଯଥାର୍ଥତା ରହିଛି କହି ଅତି ଶିଘ୍ର ଦାବି ପୁରଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ ଓ ଧାରଣା ପ୍ରତ୍ୟାହାର କରିବା ପାଇଁ କହିଥିବା ଯୋଗୁଁ ତା ୧୮.୦୬.୨୦୨୩ ରିଖ ଦିନ ଜିଲ୍ଲା ସ୍ତରୀୟ ଅମଲା ମାନେ ଧାରଣା ପ୍ରତ୍ୟାହାର କରିଥିଲେ। ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଯେହେତୁ ଏ ପର୍ଯ୍ୟନ୍ତ ସରକାର ଅମଲା ମାନଙ୍କ ପ୍ରତି ବୈମାତୃକ ମନୋଭାବ, ଅଣଦେଖା ଓ ଦାବି ପୁରଣ କରିବା ପାଇଁ ଟାଳ ଟୁଳ ନୀତି ଅବଲମ୍ବନ କରିବା ସହ ପ୍ରତାରଣା କରିବା ନେଇ ଆଜି ଓଡ଼ିଶାର ସମଗ୍ର ୩୦ ଗୋଟି ଜିଲ୍ଲାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖ ଦିନ କଟକରେ ରାଜ୍ୟ ସଂଘର ବୈଠକ ଅନୁଷ୍ଠିତ ହେବା ସହିତ ସାମ୍ବାଦିକ ସମ୍ମିଳନୀ ହେବାକୁ ଥିବା ନେଇ ସୂଚନା ମିଳିଛି। ରାଜ୍ୟ ସଂଘର ନିଷ୍ପତି ଅନୁଯାୟୀ, ଆସନ୍ତା ୧୬ ତାରିଖରୁ ପୁଣିଥରେ ଜିଲ୍ଲା ସ୍ତରୀୟ ଅମଲା ମାନେ ସମୂହ ଛୁଟିରେ ରହିବା ସହ ଆନ୍ଦୋଳନକୁ ଓହ୍ଲାଇବା ନେଇ ନିଷ୍ପତି ନିଆଯାଇଛି। ଉକ୍ତ ବୈଠକରେ ମିଳିତ ଅମଲା ମଂଚ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ଓଡ଼ିଶା ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା ସଞ୍ଜୟ କୁମାର ପଣ୍ଡା, ସାଂଗଠନିକ ସମ୍ପାଦକ କେ. ସୁବାସ ଆଚାରି, ଅମିତ୍ ସୁବୁଦ୍ଧି, ତ୍ରିନାଥ ପଣ୍ଡା, କୃଷ୍ଣ ପ୍ରଧାନ, ସତ୍ୟ ରଞ୍ଜନ ତ୍ରିପାଠୀ, ଚିତରଞ୍ଜନ, ପଂଚାନନ, ଜଗନ୍ନାଥ ନାୟକଙ୍କ ସମେତ ଶତାଧିକ ଅମଲା ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ ସମସ୍ତ ଉପସ୍ଥିତ ଅମଲା ଓ ନେତୃବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ।

# ସ୍ଥାନୀୟ ଭାଷା ଶିକ୍ଷାକୁ ସଶକ୍ତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଜୟପୁର, ୦୯/୧୦ (ନି.ପ୍ର): ସ୍ଥାନୀୟ ଭାଷା (କୁଭି ଓ ଦେଶୀ) ଶିକ୍ଷାକୁ ସଶକ୍ତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆରଆଇଇ (ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ), ଏନସିଇଆରଟି (ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ) ସହଯୋଗରେ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ କୁଭି ଏବଂ ଦେଶିଆ ଭାଷା ଉପରେ କେନ୍ଦ୍ରିତ ଏକ ପରିବର୍ତ୍ତନମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅକ୍ଟୋବର ୯ରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଲ୍ଲେଖନୀୟ ପ୍ରୟାସ ଓ ନିର୍ଦ୍ଦେଶ କ୍ରମେ ଏକ କୁଭି ଓ ଦେଶିଆ ପୁସ୍ତକ ପ୍ରାଥମିକ ସ୍ତରରେ ପ୍ରସ୍ତୁତି ହେବା ସହ ଭୁବନେଶ୍ୱରରେ ଉନ୍ମୋଚନ ହୋଇଯାଇଛି । ଶିକ୍ଷା କ୍ଷେତ୍ରରେ ଏହି ସ୍ୱଦେଶୀ-ଜନଜାତି ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଶିକ୍ଷା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ଉପସ୍ଥିତ ରହିବେ। ଭୁବନେଶ୍ୱର ଏନସିଇଆରଟିର ଆରଆଇଇ ଅଧକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ, କୁଭି ଓ ଦେଶିଆ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ଡଃ. ରଶ୍ମିରେଖା ସେଠୀ, ବିଶ୍ୱବିଦ୍ୟାଳୟର ଭାଷା ବିଦ୍ୟାଳୟର ଡିନ୍ ତଥା ରେଜିଷ୍ଟ୍ରାର ଆଇ/ସି ପ୍ରଫେସର ଏନ୍.ସି ପଣ୍ଡା, କୁଭି ଓ ଦେଶିଆ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସ୍ଥାନୀୟ ସଂଯୋଜକ ଡଃ. କପିଳା ଖେମୁଣ୍ଡୁ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସହ ସଂଯୋଜକ ଡ. ରୁଦ୍ରାଣୀ ମହାନ୍ତି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମରେ ବହୁଭାଷୀ ଶିକ୍ଷାର ଉପଦେଷ୍ଟା ଡ. ମହେନ୍ଦ୍ର କୁମାର ମିଶ୍ର, ଶିକ୍ଷା ସମ୍ବଳ ବିଶେଷଜ୍ଞ (ଇଆରପି) ଶିବ ଶଙ୍କର ପଟ୍ଟନାୟକ, ଡଃ. ରାଜେନ୍ଦ୍ର ପାଢ଼ୀ, ତ୍ରିନାଥ ଖୋରା ଓ ସୁରେଶ ଖୋରା ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗନେବେ । କୋରାପୁଟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ଶିକ୍ଷା ପ୍ରଦାନ କରୁଥିବା କୁଭି ଓ ଦେଶୀ ଭାଷାରେ ଦକ୍ଷ ୬୦ ଜଣ ଉତ୍ସର୍ଗୀକୃତ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିବେ । ଏହି ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏହି ଶିକ୍ଷକମାନଙ୍କୁ ସେମାନଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନୀୟ ଭାଷା ଶିକ୍ଷା ଅଭିଜ୍ଞତା ବୃଦ୍ଧି କରିବା ପାଇଁ ଅମୂଲ୍ୟ ଦକ୍ଷତା ପ୍ରଦାନ କରିବା । ଏହି ଐତିହାସିକ ପ୍ରୟାସର ମୂଳରେ ରହିଛି ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ଶିକ୍ଷାରେ ସ୍ଥାନୀୟ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବା, ଯାହାକି ୨୦୨୦ ର ଜାତୀୟ ଶିକ୍ଷା ନୀତିରେ ଦୃଢ଼ ଭାବରେ ସ୍ଥାପିତ ହୋଇଛି ।

## ସମ୍ବଲପୁରରେ ବିଜେଡି ଜନସମ୍ପର୍କ ପଦଯାତ୍ରା

ସମ୍ବଲପୁର, ୦୯/୧୦ (ନି.ପ୍ର): ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ବିଜେଡ଼ିର ପୂର୍ବତନ ସମ୍ବଲପୁର ମହାନଗର ସଭାପତି ପ୍ରଫୁଲ କୁମାର ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ମହାନଗର ୱାର୍ଡ ନମ୍ବର-୩୦ ସାକ୍ଷୀପଡା ସ୍ଥିତ ଅଙ୍ଗନବାଡି କେନ୍ଦ୍ର-୧ ଠାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ଓ ଅଂଚଳର ମହିଳାମାନଙ୍କୁ ନେଇ ଏକ ଜନସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଠିକ ପରିଚାଳନା ଉପରେ ମଧ ସଚେତନତା କରାଯାଇଛି। ବୈଠକରେ ସମ୍ବଲପୁର ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ସଂଖ୍ୟାଲଘୁ ସେଲ ସଭାପତି ଜାଫର ଅଲ୍ଲୀ ଖାନ, ବରିଷ୍ଠ କର୍ମୀ ସତ୍ୟେନ୍ଦ୍ର କୁମାର ଦାଶ, ଯୁବକର୍ମୀ ଦୁଲାଲ ଚନ୍ଦ୍ର ରାୟ, ସହଦେବ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀରେ ସାଂସଦ ସାମନ୍ତ ମେଗା ସ୍ୱାସ୍ଥ୍ୟ ଶିବିର

କନ୍ଧମାଳ, ୦୯/୧୦ (ନି.ପ୍ର): ଫୁଲବାଣୀ ସର୍ଡାଗୁଡ଼ା ସମନ୍ୱିତ ଭିତିଭୂମି ପରିସରରେ ଆଜି 'ସାଂସଦ ସାମନ୍ତ ମେଗା ସ୍ୱାସ୍ଥ୍ୟ ଶିବିର'କୁ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଉଦଘାଟନ କରିଥିଲେ। ଭୁବନେଶ୍ୱର କିମସ ହସପିଟାଲ ଆନୁକୂଲ୍ୟରେ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିରରେ କିମସର ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ସକାଳ ୯ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଏହି ଶିବିରରେ ବିନା ଦେୟରେ ରୋଗୀମାନେ ବିଭିନ୍ନ ରୋଗ ନିଦାନ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇବା ସହ ରୋଗୀମାନଙ୍କୁ ମାଗଣା ଔଷଧ ବଂଟନ କରାଯାଇଥିଲା। ସାଂସଦ ଶ୍ରୀ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ମେଡ଼ିସିନ୍, ହୃଦରୋଗ, ଅସ୍ଥିଶଲ୍ୟ, ସ୍ନାୟୁରୋଗ, ଚକ୍ଷୁ, ଚର୍ମ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, ମାନସିକ, ଦନ୍ତ, କର୍ଣ୍ଣ-ନାସା ଓ ଗଳା, ପଲମୋନାରୀ, ନେଫ୍ରୋଲୋଜି, ୟୁରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, ଗ୍ୟାଷ୍ଟ୍ରୋଏଂଟେରୋଲୋଜି ଏବଂ ରେଡିଓ୍ଲୋଜି ବିଭାଗର ବହୁ ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ଶିବିର ସ୍ଥଳରେ ବୟସ୍କ ଏବଂ ଦିବ୍ୟାଙ୍ଗମାନେ ପହଂଚିବା ପାଇଁ ସାଂସଦଙ୍କ ଦ୍ୱାରା ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଥିଲା। ଫୁଲବାଣୀ ସରକାରୀ ବସଷ୍ଟାଣ୍ଡରୁ ସ୍ୱତନ୍ତ୍ର ବସରେ ରୋଗୀମାନେ ଶିବିର ପର୍ଯ୍ୟନ୍ତ ଯାଇପାରିଥିଲେ। ଏଭଳି ପଦକ୍ଷେପକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

କାର୍ଯ୍ୟକ୍ରମରେ ସାଂସଦ ଡଃ. ଅଚ୍ୟୁତ ସାମନ୍ତଙ୍କ ସହ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଶୁଭେନ୍ଦୁ ପାତ୍ର, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ରାଜ୍ୟ ବିହନ ନିଗମ ଅଧକ୍ଷ ବିଜୟ ନାୟକ, ସରୋଜ କର୍ଣ୍ଣ, ଜଳିନା ପ୍ରିୟଦର୍ଶିନୀ, ଜିଲ୍ଲା ଉପମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ପୁନମ କହଁର, ପ୍ରମୁଖ ଉପସ୍ଥିତ ଥିଲେ। କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ ବ୍ଲକରେ ମେଗା ସ୍ୱାସ୍ଥ୍ୟ ଶିବିର ଓ ମାଗଣା ଔଷଧ ବଂଟନ କାର୍ଯ୍ୟକ୍ରମ ଦୀର୍ଘଦିନ ଧରି ଜାରି ରହିଛି।

# କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଯାତ୍ରା କମିଟିର ସାଧାରଣ ବୈଠକ

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ମହାସଂଘ ଆହ୍ୱାନ କ୍ରମେ ଆଜି କେନ୍ଦ୍ରାପଡ଼ା ବ୍ଲକ ଯାତ୍ରା କମିଟି ସଂଘର ବୈଠକ ତିନିମୂହାଣୀ ସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଅଛି। ଏହି ବୈଠକରେ ଜିଲ୍ଲା ମହାସଂଘ ସଭାପତି ମିହିର ସାମଲ, କୋଷାଧକ୍ଷ ଗଣେଶ୍ୱର ପଟ୍ଟନାୟକ ଓ ଜିଲ୍ଲା ମହାସଂଘ ଉପଦେଷ୍ଟା କମିଟି ଅଧକ୍ଷ ଜ୍ଞାନ ବଲ୍ଲଭ ମହାନ୍ତି ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବୈଠକ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅଂଚଳର ବିଭିନ୍ନ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ବ୍ଲକ କମିଟି ସଂଘ ଗଠନ କରାଗଲା। କେନ୍ଦ୍ରାପଡ଼ା ବ୍ଲକ ଯାତ୍ରା କମିଟି ସଂଘର ସଭାପତି ଭାବେ ନାରାୟଣ ସାହୁ, ସମ୍ପାଦକ ଭାବେ ପ୍ରଭାତ କୁମାର ମହାନ୍ତି, କୋଷାଧକ୍ଷ ଭାବେ ରତ୍ନାକର ଦାସଙ୍କୁ ଉପସ୍ଥିତ ଯାତ୍ରା କମିଟି ସଦସ୍ୟମାନଙ୍କ ଦ୍ୱାରା ମନୋନୀତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ମହାସଂଘ ଆହ୍ୱାନ କ୍ରମେ ଆଜି ରାଜକନିକା ବ୍ଲକ ଯାତ୍ରା କମିଟି ସଂଘର ବୈଠକ ଅନୁଷ୍ଠିତ ହୋଇଅଛି। ରାଜକନିକା ବ୍ଲକ ଯାତ୍ରା କମିଟି ସଂଘର ସଭାପତି ଭାବେ ତ୍ରିଲୋଚନ ବିଶ୍ୱାଳ, ଉପ-ସଭାପତି ଭାବେ ଗୋବର୍ଦ୍ଧନ ବେହେରା, ସମ୍ପାଦକ ଭାବେ ଶରତ ଚନ୍ଦ୍ର ଦଳେଇ, ସହ ସମ୍ପାଦକ ସଞ୍ଜୟ କୁମାର ମଲ୍ଲିକ, କୋଷାଧକ୍ଷ ଭାବେ ବିରଜା ନନ୍ଦନ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବରେ ସୁବାସ ଚନ୍ଦ୍ର ମଲ୍ଲିକ, ନିରଞ୍ଜନ ପଣ୍ଡା, ପ୍ରକାଶ କୁମାର ରାଉତ, ଜିଲ୍ଲା କମିଟି ସଦସ୍ୟ ଭାବରେ ସଞ୍ଜୟ କୁମାର ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି ଓ ବିରଜା ପ୍ରସନ୍ନ ପତିଙ୍କୁ ମନୋନୀତ କରାଗଲା।

# କେନ୍ଦ୍ରାପଡ଼ା ହାଇସ୍କୁଲର ୨୦୦୩ ବ୍ୟାଚର ଛାତ୍ରଙ୍କ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୩ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତରୀୟ ଦେଇ ସମ୍ବର୍ଦ୍ଧନା ଦେଇ ଛାତ୍ରଛାତ୍ରୀମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ୨୦୦୩ ମସିହାରେ ଶିକ୍ଷକତା କରୁଥିବା ଭ୍ରମରବର ନନ୍ଦ, ଏମ.କେ ବେଗ୍, ସହଦେବ ମାଟି, ସମିତା ମହାନ୍ତି, ତପନ କୁମାର ସେନାପତି, ଦିଲିପ କୁମାର ନାୟକ, ଅଶ୍ୱିନୀ କୁମାର ଭୂୟାଁ, ହୃଷିକେଶ ସାହୁ, ବନଲତା ମହାନ୍ତି, ରଶ୍ମିମୟୀ ନାୟକ, ଗୁଲମ ରବାନି, ପ୍ରହଲ୍ଲାଦ ଚନ୍ଦ୍ର ସ୍ୱାଇଁ, ଅନ୍ନଦା ପତି, ପ୍ରମିଳା ଆଚାର୍ଯ୍ୟ, ଦିପ୍ତିମୟୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କର ସେ ସମୟର ସଂପର୍କ ତଥା ସ୍ମୃତି ମନେ ପକାଇ ବଖାଣି ଥିଲେ। ଛାତ୍ରଛାତ୍ରୀମାନେ ସର୍ବ ପୁରାତନ ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ମୋ ସ୍କୁଲ ଅଭିଯାନରେ ୧୧ ହଜାର ଟଙ୍କା ଦେବାକୁ ନିଷ୍ପତି ନେଇଥିଲେ। ୨୦୦୩ ବ୍ୟାଚର ଛାତ୍ର ଦିପକ ରଂଜନ ସାହୁ, ସେକ ମୁସ୍ତାକ, ସୟଦ ଜାକିର ଅଲ୍ଲୀ, ମିର୍ ଅଫତାବ ଅଲ୍ଲୀ, ସେକ ଅବଦୁଲ୍ଲା, ସେକ ରିୟାଜୁଦ୍ଦିନ, ସେକ ସୁଲତାନ ପ୍ରମୁଖ ଏହି ବନ୍ଧୁ ମିଳନରେ ସହଯୋଗ କରିଥିଲେ।

# ଜମାକାରୀ ଚିହ୍ନଟ ଓ ଟଙ୍କା ଫେରସ୍ତ ଦାବିରେ ୯ ନଭେମ୍ବର ବଲାଙ୍ଗୀର ଜିଲ୍ଲାସ୍ତରୀୟ ଜମାକାରୀ ଗଣ ସତ୍ୟାଗ୍ରହ

ବଲାଙ୍ଗୀର, ୦୯/୧୦ (ନି.ପ୍ର): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ତଥା ବଡସ ଆଇନ ଏବଂ ଓପିଡା ଆଇନ ଭିତିରେ ବଲାଙ୍ଗୀର ଜିଲ୍ଲାର ପ୍ରତ୍ୟେକ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜମାକାରୀ ଗଣ ସତ୍ୟାଗ୍ରହଣରେ ସାମିଲ ହୋଇ କ୍ଲେମ ଫର୍ମରେ ନିଜ ଜମାରାଶି ପ୍ରମାଣ, ପରିଚୟ ପ୍ରମାଣ ଓ ବ୍ୟାଙ୍କ ଜମା ଖାତା ଇତ୍ୟାଦିର ଜେରକ୍ସ ନକଲ ଯୋଡି ଜିଲ୍ଲାପାଳଙ୍କ ଠାରେ ଦାଖଲ କରିବା ପାଇଂ ଆଜି ବଲାଙ୍ଗୀର ଜିଲ୍ଲାସ୍ତରୀୟ ଜମାକାରୀ ବୈଠକରେ ଦୃପ୍ତ ଆହ୍ୱାନ ଦିଆଯାଇଛି। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚର ଜିଲ୍ଲା ସଭାପତି ଲଳିତ ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି ବୈଠକରେ ଓଡ଼ିଶା ଜମାକାରୀ ଆନ୍ଦୋଳନ ଆବାହକ ଜୟନ୍ତ ଦାସ ଯୋଗ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନରେ ଅସାଧୁ ସଂସ୍ଥାମାନେ କିଭଳି ଜମାକାରୀଙ୍କୁ ପ୍ରଲୋଭିତ କରି ଜମା ରାଶି ନେଇ ଫାଙ୍କି ଦେଲେ, ପୁଣି ଏ ଠକାମୀ ଖୁଲାସା ହେବା ପରେ ସରକାର ନିଜ ସଂମ୍ପୃକ୍ତିର ପ୍ରମାଣ ସବୁ ତଦନ୍ତ ବାହାନାରେ ଧ୍ୱଂସ କଲେ, ଅନେକ ଅସାଧୁ ସଂସ୍ଥାର ସମ୍ପତି ଜବତ ନକରି ମାତ୍ର ଅଳ୍ପକେ କେତେକ ଅସାଧୁ କମ୍ପାନୀର ସମ୍ପତି ଜବତ କରି ଅଭାବୀ ଦାମରେ ଇ-ନିଲାମ କରି ସମ୍ପତି ମୂଲ୍ୟର ଟଙ୍କାକୁ ସରକାର ଜମାକାରୀ ନଫେରାଇ ନିଲାମ ଅର୍ଥକୁ ସରକାର ନିଜ ତହବିଲରେ ରଖିବା, ଜମାକାରୀ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାରଙ୍କ ସମସ୍ତ ଘୋଷଣା ପାଣି ଗାଁର ସଦୃଶ ହୋଇଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଘଟଣାରେ ସୁପ୍ରିମ କୋର୍ଟ ଉଭୟ ସରକାର ଓ ତଦନ୍ତକାରୀ ସଂସ୍ଥାମାନଙ୍କୁ କଡ଼ା ଭର୍ତ୍ସନା କରି ଜମାକାରୀ ଚିହ୍ନଟ ଓ ଟଙ୍କା ଫେରସ୍ତ ନିର୍ଦ୍ଦେଶ ଦେଇଥିବାରୁ ବଲାଙ୍ଗୀର ଜିଲ୍ଲାର ସମସ୍ତ ଜମାକାରୀ ଚିହ୍ନଟ ଓ ଟଙ୍କା ଫେରସ୍ତ ପାଇଁ ଆସନ୍ତା ୯ ନଭେମ୍ବର ବଲାଙ୍ଗୀର କଲେକ୍ଟୋରେଟରେ କ୍ଲେମ ଆବେଦନ କରିବାକୁ ଆହ୍ୱାନ ଦେଇଛନ୍ତି। ଦୁର୍ଗା ପୂଜା ପୂର୍ବରୁ ସମସ୍ତ ବ୍ଲକସ୍ତରୀୟ ବୈଠକ ଓ ଦଶହରା ପରେ ୫ ନଭେମ୍ବର ପୂର୍ବରୁ ସମସ୍ତ ଗ୍ରାମ ପଂଚାୟତସ୍ତରୀୟ ଜମାକାରୀ ଜାଗତିଆର ଅଭିଯାନ ସହ ୯ ନଭେମ୍ବର ସକାଳ ୧୦ ଘଂଟାରେ ଏକ ବିଶାଳ ଜମାକାରୀ ଶୋଭାଯାତ୍ରା ବାହାରି କଲେକ୍ଟୋରେଟ ଠାରେ ଜମାକାରୀ ଗଣ ସତ୍ୟାଗ୍ରହ ହେବାସହ ଜମାକାରୀ କ୍ଲେମ ଦାଖଲ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ମିଳିତ ମଂଚର ଉପସଭାପତି ବିଭୁଦତ ମିଶ୍ର, ତୀର୍ଥ ପ୍ରଧାନ, ମଦନ ମୋହନ ଡେଙ୍ଗ, ରବି ନାରାୟଣ ଭୋଇ, ଗୋକୁଳା ରଣା, ପୃଥ୍ୱିରାଜ ସିଂ ବାଗ, ସତ୍ୟବାନ ମହାନ୍ତି, ସନ୍ଥ କୁମାର ସା, ଆନନ୍ଦ ପ୍ରଦାନ, ପୂର୍ଣ୍ଣଚନ୍ଦ୍ର ଦଳପତି, କୁଶଳେଶ୍ୱର ନାଏକ, ସୁଧାଂଶୁ ଶେଖର ଛତ୍ରିଆ, ନିମାଇଁ ଚରଣ କୁଅଁର, ସୁରେଶ ଗଡ଼ତିଆ, ଯୋଗେନ୍ଦ୍ର ବୁଡ୍ହେକ, ବିଦେଶୀ ବୁଡ୍ହେକ, ତୋଫାନ ପ୍ରଧାନ, ରୁକ୍ମଣ ଧାରୁଆ ଓ ରାଜ କିଶୋର ପଣ୍ଡା ପ୍ରମୁଖ ଜମାକାରୀ ଆର୍ଥିକ ଦୁର୍ଗତି ଜନିତ ସମସ୍ୟାର ଆଲୋଚନା ସହ ଶକ୍ତିଶାଳୀ ଆନ୍ଦୋଳନ ପାଇଁ ସଂକଳ୍ପ ନେଇଥଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବାରିପଦା , ୦୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାଗୁଡିକର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ବାରିପଦା ସହରର ୨୨ନଂ ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜନ ସମ୍ପର୍କ ପଦଯାତ୍ରାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡୀଙ୍କ ସମେତ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଅନୁସୂଚିତ ଜାତି, ଜନଜାତି ଏବଂ ସଂଖ୍ୟା ଲଘୁ ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଜିଲ୍ଲା ଯୋଜନା ବୋର୍ଡର ଏକ୍ସପର୍ଟ ସଦସ୍ୟ ଜିତେନ୍ଦ୍ର ମହାନ୍ତି, ସଂଯୋଜକ ପ୍ରଭାତ ନାୟକ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ଯୁବ ସଭାପତି ଅରୁଣ ବରାଡ, ସ୍ଥାନୀୟ ୱାର୍ଡ କାଉନସିଲର ସୁଧିର ବାରିକ, ଦେବାଶିଷ ପାତ୍ର, ଅଜିତ ବେହେରା ଏବଂ ବିଭିନ୍ନ ୱାର୍ଡର କାଉନସିଲର ଯୋଗ ଦେଇଥିଲେ।ଏହି ପଦଯାତ୍ରାରେ ବିଜେଡିର କର୍ମକର୍ତ୍ତା ମାନେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାର ବିକାଶ ବାର୍ତ୍ତା ବିଷୟରେ ସଚେତନତା ସୃଷ୍ଟି କରାଯାଇଛି ।

# ସାଇବର ଅପରାଧ ସଚେତନତା ପାଇଁ ବୈଠକ

ବାସୁଦେବପୁର, ୦୯/୧୦ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ଥାନା ପକ୍ଷରୁ ସାଇବର ଅପରାଧ ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଏସ ଡି ପି ଓ ସୌରଭ ହୋତା ଓ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ସାଇବର ସଚେତନତା ସମ୍ପର୍କ ରେ ଆଲୋଚନା କରିଥିଲେ । ଆସନ୍ତା କାଲି ସାଇବର ସଚେତନତା ରଥ



ବାସୁଦେବପୁର ରେ ପହଂଚିବ ଓ ରଥ କୁ ଅପରାହ୍ନ ୪ ଟାରେ ସ୍ୱାଗତ କରାଯିବ । ଅନ୍ୟ ମାନଙ୍କ ମଧ୍ୟରେ ସୁଗୋ ସରପଞ୍ଚ ଚିନ୍ତାମଣି ନାୟକ,ନରସିଂହପୁର ସରପଞ୍ଚ ଗୌରାଙ୍ଗ ପଣ୍ଡା,ଏଡତାଳ ସରପଞ୍ଚ ଅମରେନ୍ଦ୍ର ନାୟକ,ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ନାରାୟଣ ପ୍ରସାଦ ବାରିକ, ପ୍ରଦୀପ୍ତ ମହାନ୍ତି, ପ୍ରତାପ ପାଢ଼ୀ, ସୁର୍ଯ୍ୟୋଦୟ ବିଶ୍ୱାଳ, ଉଦୟ ଜେନା, ଗୌତମ ଦେ, ସତ୍ୟକାନ୍ତ ନାୟକ, ସର୍ବେଶ୍ୱର ଜେନା, ଦେବାଶିଷ ମହାନ୍ତି,ରମାକାନ୍ତ ବାରିକ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

# ରାୟପୁର ଉତ୍ତରରୁ ପୁରନ୍ଦର ମିଶ୍ର ବିଜେପି ପାର୍ଥୀ



ରାୟପୁର/ଭୁବନେଶ୍ୱର , ୦୯/୧୦ (ନି.ପ୍ର): ବିଶିଷ୍ଟ ସମାଜସେବୀ ଏବଂ ରାୟପୁର ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଅଧକ୍ଷ ପୁରନ୍ଦର ମିଶ୍ର ଛତିଶଗଡ଼ ରାଜ୍ୟର ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ପାର୍ଥୀ ମନୋନୀତ ହୋଇଛନ୍ତି।ଶ୍ରୀ ମିଶ୍ର ଙ୍କୁ ରାୟପୁର ନଗର ଉତ୍ତର ଆସନ ରୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ଟିକେଟ ମିଳିଛି।ଛତିଶଗଡ଼ ବିଧାନସଭା ନିର୍ବାଚନରେ କୌଣସି ଜାତୀୟ ଦଳ ତରଫରୁ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ପାର୍ଥୀ ଭାବରେ ନିର୍ବାଚନ ଲଢ଼ିବେ।ଗାୟତ୍ରୀ ନଗରଠାରେ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶଗଡ଼ର ସବୁଠୁ ବଡ଼ ଜଗନ୍ନାଥ ମନ୍ଦିର, ତାଙ୍କର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ପୁରନ୍ଦର ମିଶ୍ର, ଛତିଶଗଡ଼ସ୍ଥିତ ବୃହତ ଓଡ଼ିଆ ସମାଜ ର ସଭାପତି ରୂପେ ସ୍ୱର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏହି ବୃହତ ସମାଜ ଅଧୀନରେ ପ୍ରଦେଶରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଅଧିବାସୀ ଙ୍କୁ ପ୍ରତିନିଧିତ୍ୱ କରୁଥିବା ୨୪ ଟି ସମାଜ ଅନ୍ତର୍ଭୁକ୍ତ ହୋଇଛନ୍ତି।ଶ୍ରୀ ମିଶ୍ର ୱାର୍ଲଡ୍ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ମୁଖ୍ୟ ପୃଷ୍ଠପୋଷକ ମଧ ଅଛନ୍ତି। ଶ୍ରୀ ମିଶ୍ର ଙ୍କୁ ବିଜେପି ପାର୍ଥୀ ଘୋଷଣା କରାଯିବା ପରେ ଛତିଶଗଡ଼ ର ଓଡ଼ିଆ ମହଲରେ ଖୁସିର ଲହରୀ ଖେଳିଯାଇଥିବା ଲକ୍ଷ କରାଯାଉଛି। ଓଡ଼ିଶା ଏବଂ ସାରା ଦେଶରେ ଶ୍ରୀ ମିଶ୍ର ଙ୍କର ସମର୍ଥକ ଓ ଶୁଭଚିନ୍ତକ ତଥା ଦେଶ ବିଦେଶର ପ୍ରବାସୀ ଓଡ଼ିଆ ନେତୃବର୍ଗମାନେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ପଠାଇଥିବା ପ୍ରାପ୍ତ ସୂଚନା ରୁ ପ୍ରକାଶ।

# ୭୨ ଦିବ୍ୟାଙ୍ଗଙ୍କୁ ଉପକରଣ ବାଣ୍ଟିଲେ ସାଂସଦ ଓ ବିଧାୟକ

ଖଇରା, ୦୯/୧୦ (ନି.ପ୍ର): ଦିବ୍ୟାଙ୍ଗ ଉପକରଣ ସହାୟତା ଯୋଜନାରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଚିହ୍ନଟ ହୋଇଥିବା ୭୨ ଦିବ୍ୟାଙ୍ଗଙ୍କୁ ସୋମବାର ବ୍ଲକ ପରିସରରେ ଉପକରଣ ବଣ୍ଟନ କରାଯାଇଛି । ବିଡିଓ ଉତ୍ତମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ,ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଉପାଧକ୍ଷ ଗଜେନ୍ଦ୍ର ପରିଡା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର,ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ମାନସ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ,ହୁଇଲ ଚେୟାର,ଶ୍ରବଣ ଯନ୍ତ୍ର ଇତ୍ୟାଦି ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ,ସହାକରୀ ଗଗନ ଜେନା ଓ ସଙ୍ଗୀତା ମୁଦୁଲି ଏବଂ ଆଲିମ କୋ ସଙ୍ଗଠନର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସମାଜ' ପକ୍ଷରୁ ଉତ୍କଳମଣିଙ୍କ ୧୪୭ତମ ଜୟନ୍ତୀ



ବାଲେଶ୍ୱର,୯।୧୦(ନିପ୍ର): 'ସମାଜ' ବାଲେଶ୍ୱର ସଂସ୍କରଣ ପକ୍ଷରୁ ସେବା ଓ ତ୍ୟାଗର ପ୍ରତୀକ ମହାମାନବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସକାଳେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଥିବା ଉତ୍କଳମଣିଙ୍କ ପୂର୍ଣ୍ଣାବୟବରେ ପୁଷ୍ପ ମାଲ୍ୟାର୍ପଣ ଓ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସେଠାରେ ଏକ ସ୍ମୃତି ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। 'ସମାଜ' ବାଲେଶ୍ୱର ସଂସ୍କରଣର ଶାଖା ପରିଚାଳକ ମଧୁସୂଦନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ବରିଷ୍ଠ ସହ-ସମ୍ପାଦକ କୁଳମଣି ବାରିକଙ୍କ ସଂଯାଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ଜେନା ଉତ୍କଳମଣିଙ୍କ ଆଦର୍ଶ ଓ ସେବାର ଧାରା କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ପ୍ରେରଣା ହୋଇଛି ବୋଲି କହିଥିଲେ। ତାଙ୍କର ପ୍ରତିଟି କାର୍ଯ୍ୟଶୈଳୀ ଆଦର୍ଶ ସମାଜ ପାଇଁ ଗୋଟିଏ ଗୋଟିଏ ଉପାଦାନ ହୋଇଛି। ଏହି ମହାପୁରୁଷଙ୍କ ଗୋଟିଏ ଗୁଣକୁ ଯଦି ଆମେ ସମସ୍ତେ ଆପଣେଇ ପାରିବା, ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ଜେନା ମତ ପ୍ରକାଶ କରିଥିଲେ। ସେହିଭଳି ଉତ୍କଳମଣି ଗୋପବନ୍ଧୁ ସେବା କ୍ଷେତ୍ରରେ ସୃଷ୍ଟି କରିଥିବା ଧାରା ସବୁବେଳେ ପଥ ପ୍ରଦର୍ଶକ ହୋଇ ରହିଥିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ଦାଶ କହିଥିଲେ। ଏହି ମହାମାନବଙ୍କ ପ୍ରତି ସମଗ୍ର ଓଡ଼ିଆ ଜାତି ସର୍ବଦା କୃତଜ୍ଞ ରହିବ ବୋଲି ସେ କହିଥିଲେ। ତେବେ ସାଧାରଣ ଲୋକ ମନର କଥା ଓ ପେଟର ବ୍ୟଥାକୁ ବେଶ ବୁଝି ପାରୁଥିବା ଏହି ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିର କୌଣସି ସ୍ମାରକ ବାଲେଶ୍ୱରରେ ନ ରହିବାକୁ ନେଇ ଏହି ସଭାରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ସହରର ଷ୍ଟେସନ ଛକରୁ ପାଣିଟାଙ୍କି ପର୍ଯ୍ୟନ୍ତ ରାସ୍ତାକୁ ଉତ୍କଳମଣିଙ୍କ ନାମରେ ନାମିତ କରିବା ପାଇଁ ଏଥିରେ ଦାବି ଉଠିଥିଲା। ସେହିଭଳି ବାଲେଶ୍ୱରକୁ ରେଳ ଯୋଗେ ଆସି ଷ୍ଟେସନରେ ଓହ୍ଲାଇଥିବା ଜାତିର ଜନକ ମହାତ୍ମା ଗାନ୍ଧୀ , ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଆବଶ୍ୟକତାକୁ ସମସ୍ତେ ଅନୁଭବ କରିଥିଲେ। ଷ୍ଟେସନ ବାହାରେ କୌଣସି ଏକ ପ୍ରମୁଖ ସ୍ଥାନରେ ଏହି ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏହି ସଭାରେ ଦାବି ହୋଇଥିଲା। 'ସମାଜ' ବାଲେଶ୍ୱର ସଂସ୍କରଣର ବ୍ୟୁରୋ ମୁଖ୍ୟ ଅନୁପମ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସହ-ସମ୍ପାଦକ ଶଶିରଂଜନ ମଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ଡ. ରମାକାନ୍ତ ବେହେରା, କବି ପ୍ରଶାନ୍ତ ଦାସ, ଡାକ୍ତର ଶାନ୍ତନୁ ଦାସ, ଅଶୋକ ସେନାପତି, ସାହିରୁଲ ହକ, ମୁରଲୀ ନାୟକ, ଗଙ୍ଗାଧର ରାଉତ, ଡ. ରାଧାରଂଜନ ପଟ୍ଟନାୟକ, ବିପ୍ଳବ କୁମାର ମହାନ୍ତି, ଦେବାଶିଷ ଚାଟାର୍ଜୀ, ଲକ୍ଷ୍ମୀନାରାୟଣ ମହାନ୍ତି, ରାଜେଶ ଗିରି, କିଶୋର ଦାସ, ନିରଂଜନ ପରିଡ଼ା, କାଳୀପଦ ପଣ୍ଡା, ମହମ୍ମଦ ଇସଲାମ, ଡ. ଶ୍ରୀମାନ ଶ୍ରୀଚନ୍ଦନ, ଡ. ପଙ୍କଜ କୁମାର ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶୁଭଙ୍କର ମହାପାତ୍ର, ଅରୁଣ ଜେନା, ସୃଷ୍ଟିଧର ପରିଡ଼ା, କମଳାକାନ୍ତ ଦାଶ, ଲକ୍ଷ୍ମୀଧର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ମମତା ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ବିଶ୍ୱଜିତ ମହାପାତ୍ର, ଚୈତନ୍ୟ ପଢ଼ିଆରୀ, ବିଭୂପଦ ଦାସ, ମିନତୀ ସେଠୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ଉତ୍କଳମଣିଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ସହ ମହାନ ଆତ୍ମାଙ୍କୁ ମନେ ପକାଇଥିଲେ। ପରେ ସମାଜ ଅଫିସ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ଅଫିସ ମଧ୍ୟରେ ଥିବା ଲାଲା ଲାଜପତ ରାୟ, ଉତ୍କଳମଣି ଓ ରାଧାନାଥ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରିଶେଷରେ ଖାନନଗର ସମାଜ ଛାପାଖାନା ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା। ବରେଣ୍ୟ ଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା ଓ ଫକୀର ମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମାଲ୍ୟାର୍ପଣ ସହ ମହାମାନଙ୍କୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜ ଶାଖା ପରିଚାଳକ ଶ୍ରୀ ଦାସ, ସହ-ସମ୍ପାଦକ ଶ୍ରୀ ବରିକ ଓ ଶ୍ରୀ ମଲିକଙ୍କ ସମେତ ଗୋକୁଳି ରାଉତ, ପ୍ରାଣବନ୍ଧୁ ପଣ୍ଡା, ଦେବାଶିଷ ଭୋଇ ଓ ଛାପାଖାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଏ ବି ସି ଦ୍ୱାରା ରତ୍ନାକର ଟାଉନ ହାଇସ୍କୁଲ, ନୀଳଗିରି, ବାଲେଶ୍ୱର ପରିସରରେ ବନ୍ୟଜନ୍ତୁ ସପ୍ତାହ ପାଳିତ

ବାଲେଶ୍ୱର, ୦୯/୧୦ (ନି.ପ୍ର): ସାରା ବିଶ୍ୱରେ ଚଳିତ ବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟଜନ୍ତୁ ସପ୍ତାହ ପାଳନ କରୁଥିବା ବେଳେ ବାଲେଶ୍ୱର ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆସୋସିଏସନ୍ ଫର୍ ବାଇଓଡାଇଭରସିଟି କଂଜେର୍ଭେସନ୍ ଏବଂ ରିସର୍ଚ୍ଚ ତରଫରୁ ବାଲେଶ୍ୱରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି ଅବସରରେ ଶେଷ ଦିବସରେ ରତ୍ନାକର ଟାଉନ ହାଇସ୍କୁଲ, ନୀଳଗିରି, ବାଲେଶ୍ୱର ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ କାର୍ଯ୍ୟକ୍ରମର ସଂଯୋଜିକା ଉପାସନା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏ ବି ସି ର ସଭାପତି ନୀଳରକ୍ତ କଙ୍କଡ଼ାର ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ବକ୍ତା ଭାବରେ ପରିବେଶବିତ ପ୍ରକାଶ ମର୍ଦ୍ଦରାଜ, ସମ୍ମାନିତ ଅତିଥି ଭାବରେ ଶିଳ୍ପୀ କେଶୁ ଦାସ, ମାନବାଧିକାର କର୍ମୀ ସୁଧାକର ସେଠୀ ଓ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ ବନ୍ୟଜନ୍ତୁ ସୁରକ୍ଷା ବିଷୟରେ ମତ ରଖିଥିଲେ । ଶେଷରେ ନୀଳରକ୍ତ କଙ୍କଡ଼ା ସୁରକ୍ଷା ମଞ୍ଚର ସକ୍ରିୟ ସଦସ୍ୟ ଆଗ୍ନେଶା ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ବାଜିଲା ବିଗୁଲ୍:....

ଲିଙ୍ଗ ଅନୁପାତ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହି ୫ଟି ରାଜ୍ୟରେ ଏଥର ପ୍ରଥମ ଥର ପାଇଁ ୬୦ ଲକ୍ଷ ନୂଆ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ରାଜୀବ କୁମାର ଆହୁରି କହିଛନ୍ତି, ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଟିକେଟ ଦେଲେ କାରଣ କହିବ ପାର୍ଟି। କାହିଁକି ସଂପୃକ୍ତ ବ୍ୟକ୍ତିଙ୍କୁ ଟିକେଟ ଦିଆଗଲା, ପାର୍ଟି କାରଣ ଦର୍ଶାଇବ। ତାଙ୍କଠାରୁ କଣ ଆଉ ଭଲ ପ୍ରାର୍ଥୀ ପାଇଲେ ନାହିଁ କି ବୋଲି ସ୍ପଷ୍ଟ କରିବେ। ନାଁରେ କିଛି ମାମଲା ଥିଲେ ଲୋକଙ୍କୁ ଅବଗତ କରିବେ ସଂପୃକ୍ତ ପ୍ରାର୍ଥୀ। ଲୋକଙ୍କ ଅବଗତି ପାଇଁ ୩ ଥର ଖବରକାଗଜରେ ବିଜ୍ଞାପନ ଦେବେ। ରାଜସ୍ଥାନ ଓ ଛତିଶଗଡ଼ରେ ଏବେ କଂଗ୍ରେସ ଶାସନରେ ଥିବାବେଳେ ମଧ ପ୍ରଦେଶରେ ବିଜେପି ହାତରେ ରହିଛି ସରକାର। ଅନ୍ୟ ଦୁଇ ରାଜ୍ୟ ତେଲେଙ୍ଗାନାରେ ଭାରତ ରାଷ୍ଟ୍ର ସମିତି ଓ ମିଜୋରାମରେ ମିଜୋ ନ୍ୟାସନାଲ ଫ୍ରଣ୍ଟର ସରକାର ରହିଛି। ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ଥିବାରୁ ଏହି ପାଞ୍ଚ ରାଜ୍ୟ ବିଧାନସଭା ଉପରେ ସମସ୍ତଙ୍କ ନଜର। ମଧ ପ୍ରଦେଶ ବିଧାନସଭାରେ ୨୩୦ଟି ଆସନ ଥିବା ବେଳେ ରାଜସ୍ଥାନରେ ୨୦୦, ତେଲେଙ୍ଗାନାରେ ୧୧୯, ଛତିଶଗଡ଼ରେ ୯୦ ଓ ମିଜୋରାମରେ ୪୦ଟି ଆସନ ରହିଛି।

### ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ....

ବହୁତ ଭଲ କାମ କରୁଛନ୍ତି। ଆହୁରି ମଧ ୱାଟକୋ ତା'ର ଉତ୍ସର୍ଗିକୃତ ଉଦ୍ୟମ ବଳରେ ଓଡିଶାର ଜଳଯୋଗାଣ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ଆମ ଦେଶ ତଥା ଅନ୍ୟାନ୍ୟ ପ୍ରଗତିଶୀଳ ଦେଶମାନଙ୍କ ମଧ୍ୟରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ ଏକ ନୂତନ ବେଞ୍ଚମାର୍କ ସ୍ଥାପନ ପାଇଁ କାର୍ଯ୍ୟ ଜାରି ରଖି ରାଜ୍ୟକୁ ଗୌରାବନ୍ୱିତ କରୁଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ ଆଜି ମୁଖ୍ୟମନ୍ତ୍ରୀ ୫ଟି ସହର ଯଥା- ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର ଓ ନିମାପଡାକୁ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ ସୁବିଧାର ଶୁଭାରମ୍ଭ କରିଛନ୍ତି। ଏସବୁ ସହରଗୁଡିକର ପ୍ରାୟ ୩୦ ହଜାର ପରିବାରର ୧.୮୦ ଲକ୍ଷ ଲୋକ ଏହା ଦ୍ୱାରା ଉପକୃତ ହେବେ । ସେହିପରି ୧୩ଟି ପୌରାଞ୍ଚଳ ଯଥା- ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସୁନ୍ଦରଗଡ, କେନ୍ଦୁଝର, ବ୍ୟାସନଗର, ଖୋର୍ଦ୍ଧା, ଜଟଣୀ, ଆନନ୍ଦପୁର, ଯୋଡା, ବଡବିଲ ଏବଂ ହିଞ୍ଜଳିକାଟୁର ୧୪୯ଟି ୱାର୍ଡ ପାଇଁ ଏହି ସୁବିଧା ଆରମ୍ଭ କରାଯାଇଛି। ଏସବୁ ୱାର୍ଡର ପ୍ରାୟ ୧୦.୫୦ ଲକ୍ଷ ଜନସାଧାରଣ ଏହା ଦ୍ୱାରା ଉପକୃତ ହେବେ। ୨ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁବିଧା ମିଳିବ। ଏହି ୧୩ଟି ପୌରାଞ୍ଚଳର ଅବଶିଷ୍ଟ ୱାର୍ଡମାନଙ୍କୁ ଜଳଯୋଗାଣ ପାଇଁ କାର୍ଯ୍ୟ ଜାରି ରହିଛି ଏବଂ ଖୁବ୍ ଶୀଘ୍ର ଏସବୁ ୱାର୍ଡବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ କହିଲେ ଯେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳଯୋଗାଣ ଦ୍ୱାରା ଗରିବ ଓ ଦୁର୍ବଳ ଅର୍ଥନୈତିକ ବର୍ଗର ଲୋକମାନେ ବିଶେଷ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଓଡିଶା ଆଜି ଅନ୍ୟ ରାଜ୍ୟ ଓ ଦେଶମାନଙ୍କ ପାଇଁ ଆଦର୍ଶ ହୋଇ ପାରିଛି। ଯୁକ୍ତରାଜ୍ୟ ଇଂଲଣ୍ଡର ଆନ୍ତର୍ଜାତିକ ଜଳସଂଘ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଲେ ଯେ ଓଡିଶାରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଏକ ଅନନ୍ୟ ଉଦାହରଣ। ତାଙ୍କ ଜୀବନକାଳ ମଧ୍ୟରେ ଭାରତରେ ଏଭଳି ବ୍ୟବସ୍ଥା ହୋଇପାରିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ଦୃଢ ରାଜନୈତିକ ଓ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟେକ୍ନଲୋଜିର ପ୍ରୟୋଗଯୋଗୁ ଏହା ଅଧିକ ସଫଳ ହୋଇପାରିଛି ବୋଲି ମତଦେଇ ସେ କହିଲେ ଯେ ଓଡିଶାର ସଫଳତା କାହାଣୀ ବିଷୟରେ ଅନ୍ୟ ରାଜ୍ୟର, ଅନ୍ୟ ଦେଶର ଲୋକ ଜାଣିବାର ବହୁତ ଆବଶ୍ୟକତା ରହିଛି। ମୟୂରଭଞ୍ଜର ରାଇରଙ୍ଗପୁର ଓ ସୁନ୍ଦରଗଡର ବୀରମିତ୍ରପୁର ସହରର ଜଳସାଥୀ ଇନ୍ଦୁମତୀ ମହାନ୍ତ ଓ ରଶ୍ମୀତା ସାହୁ ପ୍ରମୁଖ ଭିଡିଓ କନ୍ଫରେନ୍ସ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ସେମାନେ କହିଥିଲେ ଯେ ପୂର୍ବରୁ ଦିନକୁ ମାତ୍ର ୨ଥର ପାଣି ଆସୁଥିବା ବେଳେ ବର୍ତ୍ତମାନ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ସମସ୍ତଙ୍କ ମୁହଁରେ ହସ ଆଣି ଦେଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ଜି. ମାଥି ଭାଥାନନ୍ ସ୍ୱାଗତ ଭାଷଣ ଦେଇଥିଲେ। ୱାଟକୋର ସିଇଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ ତଥା ଜିଲ୍ଲାପାଳମାନେ କାର୍ଯକ୍ରମରେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

### ରାଜ୍ୟ ସଭାପତିଙ୍କ ରାଲିରେ....

ଅନନ୍ତ ଦାସ ଓ ନିଜକୁ ବିଜେପି ନେତା କହୁଥିବା ବଳରାମ ସିଂହ ଯାଦବ। ବାରଣ କରାଯିବା ସତ୍ତ୍ୱେ ଅନନ୍ତ ଦାସ ରାଜ୍ୟ ସଭାପତି ମନମୋହନ ସାମଲ ସବାର ହୋଇଥିବା ଜିପ୍‌ରେ ଚଢ଼ି ତାଙ୍କୁ ପୁଷ୍ପଗୁଚ୍ଛ ଦେବାକୁ ପ୍ରୟାସ କରିଥିଲେ। ସେ ଜିପ୍‌କୁ ଚଢୁଥିବା ବେଳେ ଗୋପାଳଜୀ ପାଣିଗ୍ରାହୀ ତାଙ୍କୁ ବାରଣ କରିଥିଲେ। ଫଳରେ ଦୁହିଁଙ୍କ ମଧ୍ୟରେ ଟଣାଓଟରା ଓ ହାତାହାତି ହୋଇଥିଲା। ତା'ଭିତରେ ଗୋପାଳଜୀ ପ୍ରାଣିଗ୍ରାହୀ ଜିପ୍‌ରୁ ପଡ଼ି ଯାଇଥିଲେ। ଏହା ପରେ ଗୋପାଳଜୀ ପାଣିଗ୍ରାହୀଙ୍କ ସମର୍ଥକମାନେ ଅନନ୍ତ ଦାସଙ୍କୁ ମାଡ଼ମାରିଥିଲେ। ତାଙ୍କ ଶାର୍ଟ ପୂରା ଚିରି ଯାଇଥିଲା। ତେବେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପୁଷ୍ପଗୁଚ୍ଛ ଦେବାକୁ ଅନନ୍ତ ଦାସଙ୍କୁ କାହିଁକି ବାରଣ କରାଗଲା, ତାହା ଜଣାପଡ଼ିନାହିଁ। ଏହି ଘଟଣା ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏକ ହୋଟେଲ କର୍ମୀଙ୍କ ସହିତ ବୈଠକ କରିଥିଲେ। କିନ୍ତୁ ବୈଠକରେ ଏହି ଘଟଣା ଉପରେ କିଛି ଆଲୋଚନା ହୋଇନଥିଲା। ବୈଠକ ପରେ ମଧ ଶ୍ରୀ ସାମଲ ଗଣମାଧ୍ୟମରେ ଏପରି କିଛି ଘଟି ନଥିବା କହିଥିଲେ। କୁହାଯାଉଛି, ଏହା ହେଉଛି ବଲାଙ୍ଗିର ବିଜେପିରେ ଚାଲିଥିବା ଗୋଷ୍ଠୀ କନ୍ଦଳର ପରିଣାମ। ଅନନ୍ତ ଦାସଙ୍କର ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓଙ୍କ ସହିତ ମତାନ୍ତର ଅଛି। ଅନନ୍ତ ଅଲଗା ଏକ ଗୋଷ୍ଠୀ କରିଛନ୍ତି। ନିଜକୁ ବିଜେପି ନେତା କହୁଥିବା ବଳରାମ ସିଂହ ଯାଦବ ତାଙ୍କ ସହିତ ସାମିଲ ହୋଇଛନ୍ତି ଓ ସେମାନେ ବଲାଙ୍ଗିର ଲୋକସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭାସମିତି ମଧ କରୁଛନ୍ତି। ଆଜିର ଘଟଣା ପରେ ଗୋପାଳଜୀ ପାଣିଗ୍ରାହୀ ଥାନାରେ ଯାଇ ଏତଲା ଦେଇଛନ୍ତି। କିନ୍ତୁ ଖବର ଲେଖାଯିବା ସୁଦ୍ଧା ଅନନ୍ତ ଦାସ ଥାନାରେ ଏତଲା ଦେଇ ନଥିଲେ।

### କଂଗ୍ରେସ ଶାସିତ ସମସ୍ତ....

ନେଇ ସହମତି ଦେଖାଇଛନ୍ତି । ହେଲେ କିଛି ପାର୍ଟି ଏହାକୁ ନେଇ ଅମଙ୍ଗ ଅଛନ୍ତି। ତେବେ ଆମେ ଫାସୀବାଦି ପାର୍ଟି ନୁହଁ । ମେଣ୍ଟର ଅଧିକାଂଶ ଦଳ ଜାତିଗତ ଜନଗଣନାକୁ ନେଇ ସହମତି ପ୍ରକାଶ କରିଛନ୍ତି ବୋଲି କହିଛନ୍ତି ରାହୁଲ ଗାନ୍ଧୀ । ସୂଚନାଯୋଗ୍ୟ ଯେ, ନିକଟ ଅତୀତରେ ବିହାରରେ ଜାତିଗତ ଜନଗଣନା କରାଯାଇଥିଲା । ଯାହାର ସୂଚନା ମୁତାବକ, ବିହାରରେ ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗ ଥିବାବେଳେ, ୨୭ ପ୍ରତିଶତ ପଛୁଆ ବର୍ଗ, ୧୯ ପ୍ରତିଶତ ଅନୁସୂଚିତ ଜାତି ଏବଂ ୧.୬୮ ପ୍ରତିଶତ ଅନୁସୂଚିତ ଜନଜାତି ରହିଛନ୍ତି ।

# ୨ୟ ରାଜ୍ୟ ଜୁନିଅର୍ ହକି ପ୍ରତଯୋଗିତାରେ ୨ – ୦ ଗୋଲରେ କଟକକୁ ପରାସ୍ତ କରି ଜଗତସିଂହପୁର ବିଜୟୀ



ପାରାଦ୍ୱୀପ , ୦୯/୧୦ (ନି.ପ୍ର): ଭୁବେନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଚାଲିଥିବା ୨ୟ ରାଜ୍ୟ ହକି ପ୍ରତଯୋଗୀତାରେ ଜଗତସିଂହପୁର ୨-୦ ଗୋଲରେ କଟକକୁ ପରାସ୍ତ କରି ତାର ବିଜୟ ଯାତ୍ରା ଆରମ୍ଭ କରିଛି । ଗତବର୍ଷ ଠିକ୍ ଏହିପରି କଳାହାଣ୍ଡିକୁ ପରାସ୍ତ କରି ନୂଆ ଇତିହାସ ସୃଷ୍ଟି କରିଥିଲା। ଜଗତସିଂହପୁର ଦଳର ବିନୟ ଖ୍ୱାଲାର ଓ ଆୟୁଷ କୁମାର ବେହେରା ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଜଗତସିଂହପୁରର ଏହି ବିଜୟ ପରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀମତୀ ବିଶ୍ୱବିଜୟିନି ନାୟକ, ପିପିଏଲର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀ ଜଗନ୍ନାଥ ଖୁଣ୍ଟିଆ ଡି.ଏ.ଭି ପିପିଏଲର ଅଧକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ଓ ଆନ୍ୟ ଅଧିକାରୀ ମାନେ ଖେଳାଳୀ ମାନଙ୍କ ଉତ୍ସାହ ବଢାଇ ବା ସହିତ ଶୁଭାଶିଷ ପ୍ରଦାନ କରିଥିଲେ। ଡି.ଏ.ଭି ପିପିଏଲ ସ୍କୁଲରକ୍ରୀଡ଼ା ଶିକ୍ଷକ ତଥା ଦଳର ମ୍ୟାନେଜର ଶ୍ରୀ ଶାଶ୍ୱତ କୁମାର ଭାରତୀ ଥିବା ବେଳେ ଶ୍ରୀ ସୁମିତ ଲାକ୍ରା କୋଚ୍ ଦାୟିତ୍ୱ ତୁଲାଇଥିଲେ। ଜଗତସିଂହପୁର ଜିଲ୍ଲାର ଏହି ସମସ୍ତ ହକି ଖେଳାଳୀ ଡିଏଭି ପବ୍ଲିକ ସ୍କୁଲର ହକି ଗ୍ରାସ ରୁଟ କେନ୍ଦ୍ରରେ ହକି ଖେଳ ଅଭ୍ୟାସ କରନ୍ତି।ଜଗତସିଂହପୁର ଦଳରେ ଆୟୁଷ୍ମାନ ବେହେରା (ଅଧିନାୟକ) ସାଇ ସୂର୍ଜଂଶ (ଉପ ଅଧିନାୟିକ) ସମ୍ବିତ କୁମାର ସାମଲ,ଆୟୁଷ ସ,ଗୌତମ ଲେଙ୍କା, ଶିବାଶିଷ ଦାସ, ବିଘ୍ନରାଜ ପାଣିଗ୍ରାହି ସତ୍ୟ ସୁବ୍ରତ ଜେନା,ସମ୍ବିତ୍ ବିଶ୍ୱଭୂଷଣ, ଶୁଭମ୍ ସୁତାର, ଦିତି କୃଷ୍ଣ ସାହୁ, ଅମରଜିତ୍ ସାହୁ, ରାମକୃଷ୍ଣ ସାହୁ, ଶୁଭମ୍ ସାମନ୍ତରାୟ, ଆୟୁଷ ପରିଡ଼ା,ବିନୟ ଖ୍ୱାଲାର,ଅରୁଣ କୁମାର ମହାନ୍ତି, ଅଙ୍କିତ କୁମାର ବେହେରା ପ୍ରମୁଖ ଅଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସାଇବର ଅପରାଧ ରୋକିବା ଲାଗି ସଚେତନତା ମୟୂରଭଞ୍ଜ ପୁଲିସ ପ୍ରଶାସନ ତରଫରୁ ସାଇକ୍ଲୋଥନ


ବାରିପଦା , ୦୯/୧୦ (ନି.ପ୍ର): ଦିନକୁ ଦିନ ସାଇବର ଠକେଇ ବୃଦ୍ଧି ପାଉଥିବା ବେଳେ ସାଇବର ଠକଙ୍କୁ ଜବାବ ଦେବାକୁ ସାରା ରାଜ୍ୟରେ ପୋଲିସ ପ୍ରଶାସନ ସାଇବର ସଚେତନତା ଅଭିଯାନ ଚଲାଇଥିବା ବେଳେ, ଆଜି ମୟୂରଭଞ୍ଜ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମ ବାରିପଦା ଠାରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଛଉ ପଡିଆରୁ ଏହି ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି। ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅଧକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ସାଇକ୍ଲୋଥନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ପ୍ରତେକ ନାଗରିକ ସାଇବର ଅପରାଧ ବିଷୟରେ ସଚେତନ ହେବା ନିହାତି ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଛାତ୍ର ଛାତ୍ରୀ ଏବଂ ସଚେତନ ନାଗରିକ ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କୁ ସାଇବର ଅପରାଧ ଏବଂ ଏହାର ନିରାକରଣ ବାବଦରେ ସଚେତନ କରିଥିଲେ।



## ଆୟକର ବିଭାଗ କାଶ୍ମୀରର ଅନେକ ବ୍ୟବସାୟ ୟୁନିଟ୍ ଉପରେ ଚଢ଼ାଉ

ଶ୍ରୀନଗରନୂଆଦିଲ୍ଲୀ,୦୯/୧୦ : ଆୟକର ବିଭାଗ ସୋମବାର କାଶ୍ମୀରର ଅନେକ ବ୍ୟବସାୟ ୟୁନିଟ୍ ଉପରେ ଚଢ଼ାଉ କରିଛି । ବର୍ତମାନ ସୋପୋର ଶାହ ଅନୱର କଲୋନୀ ହାଇଦ୍ରାପୋରା ର ନିବାସୀ ଜମିଲ ଅମାନଙ୍କ ମାଲିକାନାରେ ଥିବା ଲାଲ-ମଣ୍ଡି ଶ୍ରୀନଗରର ଆରକୋ ଟେକ୍ସଟାଇଲ (ଡିଟିଏ) ଡାଓର ଟେକ୍ସଟାଇଲ ଏଜେନସିରେ ଚଢ଼ାଉ ଚାଲିଛି । ସୁଦୀପ ଦବାସଙ୍କ ନେତୃତ୍ୱରେ ଅନ୍ୟ ଏକ ଦଳ ମଧ୍ୟ ଆଦିଲ ମାଗାରେଙ୍କ ମାଲିକାନାରେ ଥିବା କାଶ୍ମୀର ଗ୍ଲାସ ଉଦ୍ୟୋଗ ଏବଂ ନିସାର ଅହମ୍ମଦଙ୍କ ଆଧୁନିକ ଷ୍ଟିଲ ଉପରେ ଚଢ଼ାଉ କରିଛି । ଉଭୟ କାରଖାନା ଫେଜ – ୩ ସିଡ୍କୋ ଖୁନମୋହରେ ଅବସ୍ଥିତ ।

# ଭାରତୀୟ ଚିକିତ୍ସକ ସଂଘର ସମ୍ବର୍ଦ୍ଧନା ଉତ୍ସବ



ଭଦ୍ରକ, ୦୯/୧୦ (ନି.ପ୍ର): ଭାରତୀୟ ଚିକିତ୍ସକ ସଂଘ (ଆଇଏମଏ) ଭଦ୍ରକ ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆଇଏମଏ ରାଜ୍ୟ ଶାଖାର ନବ ନିର୍ବାଚିତ ସଭାପତି ଡାକ୍ତର ଶ୍ୟାମସୁନ୍ଦର ଖଣ୍ଡେଲୱାଲ୍ (୨୦୨୪-୨୫) ଓ ଏସସିବି ମେଡିକାଲ କଲେଜର ଭେଷଜ ପ୍ରଫେସର୍ ଡାକ୍ତର ଜୟନ୍ତ ପଣ୍ଡାଙ୍କୁ (୨୦୨୫-୨୬) ଶାଖା ତଥା ଭଦ୍ରକର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତା ଓ ରୋଟାରୀଆନ୍ ଅଭିଜିତ୍ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ଆଇଏମଏର ଉପଦେଷ୍ଟା ଡାକ୍ତର ହରେକୃଷ୍ଣ ନାୟକ ନବ ନିର୍ବାଚିତ ସଭାପତି ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇବା ସହ ଉପସ୍ଥିତ ଚିକିତ୍ସକ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ସାମାଜିକ ଗଣମାଧ୍ୟମର ବନ୍ଧୁମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଭଦ୍ରକ ରୋଟାରୀ କ୍ଲବ୍ ତରଫରୁ ସଭାପତି ପ୍ରଣବ କୁମାର ସାହୁ, ମାଂଗିଲାଲ୍ ବଳଦେବା, ଭଦ୍ରକ ଲାୟନ୍ସ କ୍ଲବ୍ ଭଦ୍ରକାଳୀ ଡିଭାଇନରୁ ପ୍ରଭାତ କୁମାର ଧଳ, ବରିଷ୍ଠ ନାଗରିକ ମଂଚରୁ ପଦ୍ମନ୍ ରାୟ, ଦିଲ୍ଲୀପ ନାୟକ, ନର୍ସିଂ ଆସୋସିଏସନ୍‌ରୁ ନିରୂପମା ଦାଶ୍, ଚିନ୍ମୟୀ ସ୍ୱାଇଁ, ସାମାଜିକ ଗଣମାଧ୍ୟମ ତରଫରୁ ପ୍ରତାପ୍ କୁମାର ଦାସ, ଡ.ହରିହର ନାୟକ, ଜଗନ୍ନାଥ ରାଉତ, ପ୍ରଭାତ ଦାସ୍, କଳ୍ପନା ଦେବୀ ଜରାନିବାସ ତରଫରୁ ଡାକ୍ତର ହରେକୃଷ୍ଣ ନାୟକ, ଅନୀମା ନାୟକ, ଓସ୍ତୁ ପକ୍ଷରୁ ଅମରେନ୍ଦ୍ର ବିଶ୍ୱାଳ, ଆଇଏମଏ ଭଦ୍ରକ ଶାଖା ପକ୍ଷରୁ ଡା. ଶତ୍ରୁଘ୍ନ ହାତୀ, ଡା. ଝସକେତନ ମହାନ୍ତି, ଡା. ରବିନାରାୟଣ ପାଣିଗ୍ରାହୀ, ଡା. ସୁଶାନ୍ତ ସାମନ୍ତ, ଡା. ସୂର୍ଯ୍ୟସ୍ନାତା ସାହୁ, ଡା. ସୁବାସ ବିଶ୍ୱାଳ, ଡା. ଧନଞ୍ଜୟ ପଣ୍ଡା, ଡା. ଅନୀମା ସେଠୀ ପ୍ରମୁଖ ଅତିଥିଦ୍ୱୟଙ୍କୁ ଭବ୍ୟ ସଂବର୍ଦ୍ଧନା ଜ୍ଞାପନ କରିଥିଲେ । ସଂବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଅତିଥି ଦ୍ୱୟ ଭଦ୍ରକ ମାଟିର ଆକର୍ଷଣ ଓ ଆତିଥେୟତା ଅନନ୍ୟ ଓ ଅତୁଳନୀୟ ଏବଂ ଏହା ସେମାନଙ୍କୁ ଅଭିଭୂତ କରିଛି ବୋଲି ମତ ବ୍ୟକ୍ତ କରିଥିଲେ । ଭଦ୍ରକ ଅଂଚଳରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଯାଉଥିବା ପ୍ରତ୍ୟେକ ରୋଗୀ ଏଣିକି ତାଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନର କେନ୍ଦ୍ରବିନ୍ଦୁ ହେବେ ବୋଲି ପ୍ରଫେସର ଜୟନ୍ତ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ । ଶାଖାର ସଂପାଦକ ଡାକ୍ତର ରଂଜିତ୍ କୁମାର ଖଟୁଆ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଉତ୍ସବ ଶେଷରେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ




ଉଦଳା , ୦୯/୧୦ (ନି.ପ୍ର): ପ୍ରତିବର୍ଷ ଅକ୍ଟୋବର ୨ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ଭାବରେ ସମଗ୍ର ଭାରତ ବର୍ଷରେ ପାଳନ କରାଯାଇଥାଏ । ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ କମିଯିବା ସହିତ କେତେକ ପ୍ରାଣୀ ଲୋପ ପାଇବାକୁ ବସିଲେଣି । ସେମାନଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଚଳିତ ଅକ୍ଟୋବର ୮ ତାରିଖ ରବିବାର ଦିନ କପ୍ତିପଦା ବ୍ଲକ ଅନ୍ତର୍ଗତ ଚୁଇଁପୋଷୀ ଗ୍ରାମ ଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଙ୍ଗଲ ବିଭାଗର ଡ଼େପୁଟି ରେର ଭାଗ୍ୟଶ୍ରୀ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବନ୍ୟପ୍ରାଣୀ ମାନେ ଜଙ୍ଗଲର ସୌନ୍ଦର୍ଯ୍ୟ ବୃଦ୍ଧି ଘଟାଇବା ସହ ପରିବେଶକୁ ସନ୍ତୁଳିତ ଅବସ୍ଥାରେ ରଖିବାରେ ତାଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ପ୍ରକୃତି ପର୍ଯ୍ୟଟନ ବଳୟ ବିକାଶର ସଭାପତି ସଂଜୟ ହାଁସଦା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବନ୍ୟପ୍ରାଣୀଙ୍କ ସଂଖ୍ୟା କମିଯିବା ଯୋଗୁଁ ପ୍ରାକୃତିକ ବପର୍ଯ୍ୟୟ କିପରି କରାଳ ରୂପ ନେଉଛି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଆଖପାଖ ଗ୍ରାମରୁ ଶତାଧିକ ଗ୍ରାମବାସୀ ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିଲେ । ଶେଷରେ ବନ୍ୟପ୍ରାଣୀ ମାନଙ୍କୁ ଆଦୌ ଶିକାର ନକରିବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରୀ ରଖିବାକୁ ଗ୍ରାମବାସୀ ମାନେ ଶପଥପାଠ କରିଥିଲେ ।

# ପିଡିଏସ ଚାଉଳ ପଶ୍ଚିମବଙ୍ଗଙ୍କୁ ଚୋରା ଚାଲାଣ ବେଳେ ପିକ୍‌ଆପ ଭ୍ୟାନ ଜବତ କଲା ରୂପସା ପୁଲିସ

ବସ୍ତା,୯।୯(ନିପ୍ର): ଆଜି ପିଡ଼ିଏସ ଚାଉଳ ପଶ୍ଚିମବଙ୍ଗଙ୍କୁ ଚୋରା ଚାଲାଣ ବେଳେ ରୂପସା ପୁଲିସ ହାତରେ ଧରା ପଡିଛି ।ସେଥିରେ ଥିବା ଆନୁମାନିକ ୩୫ କୁଇଣ୍ଟାଲ ଚାଉଳ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ଆଜି ସନ୍ଧ୍ୟା ଘଟିକା ସମୟରେ ୬୦ନଂ ଜାତୀୟ ରାଜପଥ ରୁପସା ଥାନା ସମ୍ମୁଖରୁ ଏକ ଚାଉଳ ଭର୍ତ୍ତି ପିକପ୍ ଭ୍ୟାନ୍ ଓଡ଼ି୧୧ଡି୩୯୪୪ ନମ୍ବର୍ ବିଶିଷ୍ଟ ଗାଡ଼ିରେ ପିଡିଏସ ଚାଉଳ ବାଲେଶ୍ୱରରୁ ପଶ୍ଚିମବଙ୍ଗଙ୍କୁ ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ରୂପସା ଥାନା ଅଧିକାରୀ ସଚ୍ଚିଦାନନ୍ଦ ଗିରି ଗାଡି କୁ ଅଟକାଇ ଯାଞ୍ଚ କରିଥିବା ବେଳେ ଚାଳକ ଜଣକ ଚାଉଳ ରପ୍ତାନି ର କୌଣସି କାଗଜ ପତ୍ର ନଥିବା ଜଣାଇ ଗାଡ଼ି ଛାଡ଼ି ଦୌଉଡ଼ି ପଳାଇ ଥିଲେ। ଉକ୍ତ ଚାଉଳ ସବୁ ପରିବହନ କ୍ରେତା




ଦୀପ୍ତିକାନ୍ତ ସାହୁଙ୍କ ବୋଲି ଗାଡ଼ି ରେ ଥିବା ସୂଚନା ଫଳକରୁ ଜଣାପଡ଼ିଛି । ତେବେ ପୁଲିସ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

# ଜୁଡିସିଆଲ ହବ ପ୍ରତିଷ୍ଠା ସ୍ଥାନ ନିରୂପଣ ପୁର୍ନବିଚାର ପାଇଁ ଗଠନ ହେଲା କ୍ରିୟାନୁଷ୍ଠାନ କମିଟି

ବାଲେଶ୍ୱର, ୦୯/୧୦ (ନି.ପ୍ର): ନୃତ୍ୟସଂଗୀତ କଳାମନ୍ଦିର ସଭାଗୃହରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ବିଧିବଧ ଭାବେ ଗଠନ କରାଯାଇଛି । ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ସମାଜସେବୀ ମହମ୍ମଦ ଇସ୍‌ଲାମ କ୍ରିୟାନୁଷ୍ଠାନ କମିଟି ଗଠନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସମାଜସେବୀ ଜିତେନ୍ଦ୍ର ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବହୁ ବିଶିଷ୍ଟ ବ୍ୟକ୍ତି ନିଜ ନିଜର ମତ ଦେଇ ବାଲେଶ୍ୱର ଜନସାଧାରଣଙ୍କ ମତାମତ ନନେଇ କିମ୍ବା ଜନଶୁଣାଣୀ ନକରି ଜୁଡିସିଆଲ ହବ୍ ପ୍ରତିଷ୍ଠା ସ୍ଥାନ ସହରଠାରୁ ପ୍ରାୟ ୧୩ କିଲୋମିଟର ଦୂର ରେମୁଣା ଅଞ୍ଚଳର ବିଦ୍ୟାଧରପୁର ମୌଜାରେ ସ୍ଥାନ ନିରୂପଣ ପାଇଁ ବିଜ୍ଞପ୍ତି ଜାରି କରିବା ବାଲେଶ୍ୱର ଜନଗଣଙ୍କ ସ୍ୱାର୍ଥ ପରିପନ୍ଥୀ ବୋଲି ମତବ୍ୟକ୍ତ କରି ଅବିଳମ୍ବେ ଏହାର ପୁର୍ନବିଚାର କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ଶହେ ବର୍ଷରୁ ଉର୍ଦ୍ଧ୍ୱକାଳ ପ୍ରଶାସନିକ ଓ ବିଚାର ବିଭାଗ ଦପ୍ତର ଗୁଡ଼ିକ ସହରରେ ଗୋଟିଏ ସ୍ଥାନରେ କାର୍ଯ୍ୟକରି ଆସୁଥିବାବେଳେ ବିଚାର ବିଭାଗକୁ ସହରଠାରୁ ଏତେ ଦୂର ଗ୍ରାମାଞ୍ଚଳକୁ ସ୍ଥାନାନ୍ତର କରାଗଲେ ଗମନାଗମନ ଦୃଷ୍ଟିରୁ ଜନସାଧାରଣ ବହୁ ଖର୍ଚ୍ଚାନ୍ତର ଶିକାର ହେବେ, ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ପାଖରେ ଥିବା କଚେରୀ ପରିସରରେ ନୂତନ ସୁଉଚ୍ଚ ଶୋଧ ନିର୍ମାଣ କରି ଜୁଡିସିଆଲ ହବ କରାଯିବା ଜନଗଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକାନ୍ତ ଜରୁରୀ । ବୈଠକରେ ସର୍ବସମ୍ମତିରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇ ଆଗାମୀ ଦାବୀରେ ଏହି ଦାବୀ ହାସଲ ନିମନ୍ତେ ବିବିଧ ପଦକ୍ଷେପ ଗ୍ରହଣର ପ୍ରସ୍ତାବ ଗୃହୀତ କରାଯାଇଥିଲା,




କମିଟିର ସଭାପତି ଭାବେ ସଭାପତି ତଥା ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ଉପ-ସଭାପତି ଭାବେ ସମାଜସେବୀ ଉପେନ୍ଦ୍ର ପାତ୍ର, ଜିତ୍ରେନ୍ଦ୍ର ଉପାଧ୍ୟାୟ, ସୂର୍ଯ୍ୟକାନ୍ତ କର, ମହମ୍ମଦ ଇସଲାମ, ଗଙ୍ଗାଧର ରାଉତ, ସଂପାଦକ ଭାବେ ମାନସ ଚନ୍ଦ୍ର ରଥ, ଯୁଗ୍ମ ସଂପାଦକ ଭାବେ ପ୍ରଭାତ କୁମାର ଦାସ, ଅମୂଲ୍ୟ ପରିଡ଼ା, ରାଜ ଖଣ୍ଡେଲୱାଲ, ଅର୍ଣ୍ଣପୂର୍ଣ୍ଣା ରାଉତ, ରୀତାଞ୍ଜଳି ନନ୍ଦ, ପରମାନନ୍ଦ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ସାମନ୍ତ, ଉପସଭାପତି ଦେବାଶିଷ ପାତ୍ର ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ହୃଦାନନ୍ଦ ବାରିକ, ଜ୍ଞାନରଂଜନ ପାଣି, ଆଶ୍ରିତା ତରେଇ, ରଶ୍ମୀ ଦାସ, ଅରବିନ୍ଦ ସିଂହ, ଯୋଗେଶ ଚନ୍ଦ୍ର କର, ପ୍ରତାପ ଚନ୍ଦ୍ର ମହାନ୍ତି, ନାରାୟଣ ଚନ୍ଦ୍ର ସାହୁ, ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ବରିଷ୍ଠ ଏଡଭୋକେଟ ପ୍ରତାପ ଚନ୍ଦ୍ର ପଣ୍ଡା ରବିନ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ପରିଡ଼ା, ସମାଜସେବୀ, ସନ୍ତୋଷ କୁମାର ମହାନ୍ତି, କବି କାଳିପଦ ପଣ୍ଡା, ଅଶୋକ ସେନାପତି, ଭାବଗ୍ରାହୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନକୁ ପୂର୍ବ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଅନୁରୋଧ କରିବେ ବୋଲି ମତ ପ୍ରକାଶ କରିଥିଲେ । ଏହି ସଭାରେ ଓକିଲ ସଂଘର ପୂର୍ବତନ ଉପସଭାପତି ତଥା ବାର କାଉନସିଲର ନବନିର୍ବାଚିତ ସଦସ୍ୟ ନୃସିଂହ ଚରଣ ନାୟକ ବକ୍ତବ୍ୟ ରଖିଥିଲେ । ଶେଷରେ ସୁବାସ ମାସନ୍ତ ଧନ୍ୟବାଦ ଦେଇଥିଲେ ।

## ମଙ୍ଗଳବାର ନିର୍ମଳା ସୀତାରମଣଙ୍କ ମରକ୍କୋ ଗସ୍ତ

ନୂଆଦିଲ୍ଲୀ,୦୯/୧୦ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଶ୍ୱ ବ୍ୟାଙ୍କ ସମୂହ ଓ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ବାର୍ଷିକ ବୈଠକରେ ଯୋଗଦେବା ପାଇଁ ଅକ୍ଟୋବର ୧୦ ତାରିଖରେ ମରକକ୍କୋ ଗସ୍ତ କରିବେ । କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଗସ୍ତ ନେଇ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ବୟାନରେ କୁହାଯାଇଛି ଯେ, ଗସ୍ତ ସମୟରେ ସୀତାରମଣ ଡବ୍ଲୁବିଜି ଓ ଆଇଏମଏଫର ବାର୍ଷିକ ବୈଠକ ସହିତ ଜି-୨୦ ବୈଠକ, ଇଣ୍ଡୋନେସିଆ, ମରକ୍କୋ, ବ୍ରାଜିଏ, ସ୍ୱିଜରଲ୍ୟାଣ୍ଡ, ଜର୍ମାନୀ ଓ ଫ୍ରାନ୍ସର ନିବେଶକ ଓ ଦ୍ୱିପାକ୍ଷିକ ବୈଠକ ଓ ଅନ୍ୟ ବୈଠକରେ ଯୋଗଦେବେ ।

# ପାରାଦୀପ ରିଫାଇନରୀ ଟାଉନସିପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପାରାଦୀପ, ୦୯/୧୦ (ନି.ପ୍ର):ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀର ପ୍ରମୁଖ ଶ୍ରୀ କୌଶିକ ବସୁ ଆଜି ପାରାଦୀପ ରିଫାଇନାରୀ ଟାଉନଶିପର ସେକ୍ଟର ୧ ରେ ଥିବା ଶିଶୁ ଉଦ୍ୟାନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଓଡିଶା ଇତିହାସର ଜଣେ ପ୍ରତିଷ୍ଠିତ ମହାନୁଭବ ତଥା ସାମାଜିକ ସଂସ୍କାର ସହ ଶିକ୍ଷା ଏବଂ ସାହିତ୍ୟର ପ୍ରତୀକ ପଣ୍ଡିତଗୋପବନ୍ଧୁ ଦାସଙ୍କ ୧୪୬ତମ ଜନ୍ମ ବାର୍ଷିକରେ ଏହି ମହତପୂର୍ଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରିଫାଇନରୀର ବରିଷ୍ଠ ଅଧିକାରୀ ଏବଂ ଟାଉନଶିପର ବାସିନ୍ଦା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନୂତନ ଉନ୍ମୋଚିତ ପ୍ରତିମୂର୍ତ୍ତି ପ୍ରେରଣା ସଦୃଶ୍ୟ ଏବଂ ତାଙ୍କର ମୂଲ୍ୟବୋଧ ଓ ନୀତିକୁ ଭବିଷ୍ୟତ ପିଢିଙ୍କ ମଧ୍ୟରେ ସ୍ମରଣୀୟ କରାଇବ । ଏହି କାର୍ଯ୍ୟକ୍ରମ ଦ୍ୱାରା ଆଖପାଖ ଅଞ୍ଚଳରେ ସଂସ୍କୃତି, ଶିକ୍ଷା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ପାରାଦୀପ ରିଫାଇନରୀର କର୍ମୀ ମାନଙ୍କର ପ୍ରତିବଧତାକୁ ଦର୍ଶାଇଛି। ଉତ୍କଳମଣି ନାମରେ ବିଖ୍ୟାତ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଶିକ୍ଷା, ସାହିତ୍ୟ ଏବଂ ସାମାଜିକ କଲ୍ୟାଣରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ସାମାଜିକ ଉନ୍ନତି ପାଇଁ ତାଙ୍କର ପ୍ରତିବଦ୍ଧତା ନୂତନ ପିଢ଼ିକୁ ପ୍ରେରଣା ଦାୟକ ହୋଇ ରହିଛି।

# ନୀଳଗିରି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



ନୀଳଗିରି, ୦୯/୧୦ (ନି.ପ୍ର): ନୀଳଗିରି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବା ବେଳେ ସୋମବାର ସନ୍ଧ୍ୟାରେ କେ. ସି ହାଇସ୍କୁଲ ଠାରେ ସାଇବର ଠକେଇ ଠାରୁ କିପରି ସୁରକ୍ଷା ପାଇବେ ସେନେଇ ସାଧାରଣ ଜନତା, ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ସୋସିଆଲ ମିଡ଼ିଆ ବ୍ୟବହାର କରିବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା, ପିଲାମାନଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବା, ଆର୍ଥିକ କାରବାର ସମୟରେ ସତର୍କତା ଅବଲମ୍ବନ କରିବା, ଅନଲାଇନ୍ ସପିଙ୍ଗ ରେ ସତର୍କତା ରହିବା, ନିଯୁକ୍ତି ଠକେଇ , ଲୋନଆପ ଠକେଇ , ଉପହାର ଠକେଇ ଆଦିରେ ସାଇବର ଠକଙ୍କ ଠାରୁ ଦୂରେଇ ରହିବାକୁ ବୁଦ୍ଧିଜୀବି, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ବ୍ୟବସାୟୀ ମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ସବ୍ ଇନ୍ସପେକ୍ଟର ଡି. କେ ସେନାପତି, ଏଏସଆଇ ଅନନ୍ତ ମୁର୍ମୁ, ଜିତେନ୍ କିଶୋର ନାୟକଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବାଲେଶ୍ୱର ଆଖଡ଼ା ସଂଘର ବୈଠକ

ବାଲେଶ୍ୱର, ୦୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାକଳପୁର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସଭାପତି ଗୋପୀନାଥ ଶତପଥୀଙ୍କ ନେତୃତ୍ୱରେ ଆଖଡ଼ା ସଂଘର ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଉପ ସଭାପତି ମନୋଜ ରାଉତ ଓ ସେକ୍ରେଟାରୀ ମନୋଜ ଦାସ , ଯୁଗ ସମ୍ପାଦକ ବଂଶୀଧର ଦୋଳେଇ ଯୋଗ ଦେଇଥିଲେ । ଏପରିକି ସଭାମଣ୍ଡପରେ ୨୨ ଟି ଆଖଡ଼ା ସଂଘର ସର୍ଦ୍ଦାର ଯୋଗ ଦେବା ସଙ୍ଗେ ବହୁ ବୃଦ୍ଧିଜୀବି ଓ ଯୁବଗୋଷ୍ଠୀ , ବରିଷ୍ଠ ସମାଜ ସେବୀ ଯଶୋଦା ବଳ ଆଶ ଯୋଗ ଦେବା ସଙ୍ଗେ ସଙ୍ଗେ ସଂଘର କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀ ଓ ଆଖଡ଼ା ସଂଘର ଉପଦେଷ୍ଟା ଦେବବ୍ରତ ପାଣଗ୍ରାହୀ , ସହକାରୀ ସଂପାଦକ ବୋଲଚନ ଦାସ ଅନ୍ୟ ଯୁଗ୍ମ ସମ୍ପାଦକ ଲମ୍ବୋଦର ବେହେରା ଯୋଗ ଦେଇ ଚଳିତ ବର୍ଷରେ କିପରି ଭାବରେ ବିରାଷ୍ଟମୀ ଓ ଦଶହରା ପର୍ବରେ ବାଡ଼ିଖେଳ ଶାନ୍ତି ଶୃଙ୍ଖଳାରେ ହେଇପାରିବ ସେଥିପାଇଁ କମିଟିର ସଦସ୍ୟ ଓ ସମସ୍ତ ଆଖଡ଼ା ଦଳର ସର୍ଦ୍ଦାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି କୁହାଯାଇଥିଲା । ଏପରିକି ମନୋଜ ରାଉତ ପ୍ରଶାସନିକ ନିୟମ ମାନିବାକୁ ଓ ଧାର ନଥିବା ଅସ୍ତ୍ର ଶସ୍ତ୍ର ବ୍ୟବହାର କରିବାକୁ କହିଥିଲେ । ସଭା ଶେଷରେ ଯୁଗ ସମ୍ପାଦକ ବଂଶୀଧର ଦୋଳେଇ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

# ଲଙ୍ଗଳେଶ୍ୱର ଠାରେ ଗୋପବନ୍ଧୁଙ୍କ ୧୪୬ ଜୟନ୍ତୀ ପାଳିତ

ଲଙ୍ଗଳେଶ୍ୱର ୯/୧୦(ନିପ୍ର) ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ଥିବା ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ମିଳିତ ଭାବରେ ଶିକ୍ଷା କେନ୍ଦ୍ର ପରିସରରେ ଗୋପବନ୍ଧୁ ଦାସ ଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିନୋଦ ବିହାରୀ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ପୁରୁଷୋତ୍ତମ ସାହୁ, ନିତ୍ୟାନନ୍ଦ ଦାସ, ବଂଶୀଧର ନାୟକ, ଅମୂଲ୍ୟ ଚନ୍ଦ୍ର ଘରାଇ, ସୁଶାନ୍ତ ବେହେରା, ବୈକୁଣ୍ଠ ରାଉତ, ଅନନ୍ତ ରାଉତ, ଭୈରବ ବେହେରା, ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ଜୀବନି ଓ ସମାଜ ପ୍ରତି ଥିବା ଅବଦାନ କୁ ସମସ୍ତେ ମନେରଖିବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା କେନ୍ଦ୍ର ର ପ୍ରଧାନ ଗୁରୁମା ସୁଶ୍ରୀ ବୈଜୟନ୍ତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ର ର ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ, ଛାତ୍ର ଅଭିଭାବକ, ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo